୬ ▶ ମହିଳା ବିଶ୍ୱକପ : ପାକିସ୍ତାନକୁ ୮୮ ରନ୍‌ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୪୮ ● ୬ ଅକ୍ଟୋବର ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-248 ● 6th October 2025, Monday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ପ୍ରତ୍ୟେକ ଗାଁର ଭାଗବତ ଟୁଙ୍ଗିଗୁଡ଼ିକର ହେବ ପୁନରୁଦ୍ଧାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍‌ବ୍ୟୁରୋ**

ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ରବିବାର ଭୁବନେଶ୍ୱରର କଟକ ରୋଡ୍ ସ୍ଥିତ ତେରାପନ୍ଥ ଭବନ ଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗାଁର ଭାଗବତ ଟୁଙ୍ଗିଗୁଡ଼ିକର ପୁନରୁଦ୍ଧାର ଓ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ଯୁବବର୍ଗ ଆଜିର ସମାଜର ସମସ୍ତ ବିକାଶରେ ମୁଖ୍ୟ ଭୂମିକା ନିଭାଇଥାନ୍ତି ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧ୍ୟମ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର ଅମୂଲ୍ୟ ଶିକ୍ଷା ସହିତ ଜନସାଧାରଣଙ୍କୁ




ଭଗବତ କାର୍ଯ୍ୟରେ ସଂପୃକ୍ତ କରେ। ସେହି ଦୃଷ୍ଟିରୁ ଏହି ମହୋତ୍ସବ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମଦ ଭାଗବତ ଗ୍ରନ୍ଥର ମହତ୍ୱ ପାଞ୍ଚଗୋଟି ମୂଳତତ୍ତ୍ୱ ଯଥା, ଈଶ୍ୱର, ଜୀବ, ପ୍ରକୃତି, କାଳ, ସମୟ ଏବଂ କର୍ମକୁ ନେଇ ଏ ବିଶ୍ୱ ସଞ୍ଚାଳିତ। ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ ଭାଗବତ ଶୁଣି ଶେଷ ନିଶ୍ୱାସ ତ୍ୟାଗ କରିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା।

ଏହି ଅବସରରେ, ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ଅନୁରୋଧ କରିଥିଲେ ଯେ, ସମସ୍ତେ ପ୍ରତ୍ୟହ ଭାଗବତ ପାଠ କରନ୍ତୁ, କାରଣ ଏହା ଆମ ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ପ୍ରକାରର ମହୋତ୍ସବ ସମାଜରେ ଏକତାର ସୂଚକ। ଏହା ଭକ୍ତି, ସମ୍ମାନ ଓ ମୌଳିକ ମୂଲ୍ୟକୁ ଦୃଢ଼ କରେ। ଏହି ମହୋତ୍ସବର ଅନୁଭୂତି ଓ ଶିକ୍ଷା ଉପସ୍ଥିତ ସୁଧିବୃନ୍ଦଙ୍କ ଜୀବନରେ ନିତିମୂଳକ, ଧର୍ମୀୟ, ଓ ସାମାଜିକ ଉନ୍ନତି ଆଣିବାରେ ସାହାଯ୍ୟ କରିବ।

୨୦୧୪ ପରେ ଭାରତରେ ଭାରତୀୟ ସଂସ୍କୃତି, ପରମ୍ପରାର ଏକ ପ୍ରକାର ଅଭ୍ୟୁଦୟ ହୋଇଛି, କାରଣ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ନାରା ଦେଇଛନ୍ତି, 'ବିକାଶ ଭି, ବିରାଶତ ଭି'। ପ୍ରଧାନମନ୍ତ୍ରୀ ଏହି ଭାବକୁ କେବଳ ସ୍ଲୋଗାନ କି ଭାବନାରେ ସୀମାବଦ୍ଧ କରି ରଖି ନାହାନ୍ତି। ଏହାର ପ୍ରମାଣ ହେଉଛି ଅଯୋଧ୍ୟା ରାମ ମନ୍ଦିର ନିର୍ମାଣ, ମହାକୁମ୍ଭରେ ରେକର୍ଡ ୬୮ କୋଟି ଶ୍ରଦ୍ଧାଳୁଙ୍କ ଆଗମନ, କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର ନିର୍ମାଣ। ଆଜି ଦେଶରେ ଏକ ଧର୍ମୀୟ ଭାବନାର ପୁନର୍ଜାଗ୍ରତ ହୋଇଛି ଏବଂ ଏହାର ନେତୃତ୍ୱ ନେଇଛନ୍ତି ଏ ଦେଶର ଯୁବ ସମାଜ। *(ପୃଷ୍ଠା ୭ରେ)*

# କଟକରେ ପୁଣି ଉତ୍ତେଜନା : ପୁଲିସର ଲାଠିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ





**କଟକ, ୫।୧୦**
**ନ୍ୟୁଜ୍‌ବ୍ୟୁରୋ**

କଟକରେ ଭସାଣ ଗଣ୍ଡଗୋଳକୁ ବିରୋଧ କରି ହିନ୍ଦୁ ସଂଗଠନ ପକ୍ଷରୁ ରବିବାର ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ତେବେ ଶୋଭାଯାତ୍ରା ଯୋଗୁ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ତାହାକୁ ଅଟକାଇବାରୁ ଉତ୍ତେଜନା ପ୍ରକାଶ ପାଇଛି। ଏହାକୁ ନେଇ ପୁଲିସକୁ ଲାଠିମାଡ଼ ସହ ଲୁହବୁହା ଗ୍ୟାସ ପ୍ରୟୋଗ କରିବାକୁ ପଡ଼ିଛି। ପୂର୍ବ ନିଷ୍ପତ୍ତି ଅନୁସାରେ ଏକ ସଂଗଠନ ପକ୍ଷରୁ ରବିବାର କଟକ ଦରଘାବଜାର ଅଞ୍ଚଳରେ ଶୋଭାଯାତ୍ରା କରାଯାଇଥିଲା। ଭସାଣ ଗଣ୍ଡଗୋଳକୁ ବିରୋଧ କରି ଏହି ଶୋଭାଯାତ୍ରା ଚାଲିଥିବାବେଳେ ପୁଲିସ ଦରଘାବଜାର ନିକଟରେ ଶୋଭାଯାତ୍ରାକାରୀଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଏବଂ ଶୋଭାଯାତ୍ରାକାରୀ ମୁହାଁମୁହିଁ ହୋଇଥିଲେ। ଉତ୍ୟକ୍ତ ଲୋକମାନେ ରାସ୍ତାରେ ପୋଡ଼ାଜଳା କରିଥିଲେ। ଏପରି କି ସେହି *(ପୃଷ୍ଠା ୭ରେ)*

## କଟକରେ ଇଣ୍ଟରନେଟ ସେବା ବନ୍ଦ

ଦଶହରା ଭସାଣ ଶୋଭାଯାତ୍ରା ସମୟରେ କଟକରେ ଘଟିଥିବା ଗଣ୍ଡଗୋଳ ଘଟଣା ପ୍ରତିବାଦରେ ସୋମବାର ସହରରେ ବନ୍ଦ ଡାକରା ଦିଆଯାଇଛି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ରବିବାର ସନ୍ଧ୍ୟା ୭ଟାରୁ ସୋମବାର ସନ୍ଧ୍ୟା ୭ଟା ଯାଏ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ହ୍ୱାଟ୍ସଆପ, ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ଏକ୍ସ ଭଳି ଅନେକ ସାମାଜିକ ଗଣମାଧ୍ୟମ ଆପଗୁଡ଼ିକ ଉପରେ ମଧ୍ୟ କଟକଣା ଲାଗୁ ହୋଇଛି। ସିଡିଏ, ସିଏମ୍‌ସି ଏବଂ ବୟାଳିଶିମୌଜା ଅଞ୍ଚଳ ପାଇଁ ଏହି କଟକଣା ଲାଗୁ କରାଯାଇଛି। ଗଣ୍ଡଗୋଳ ଘଟଣା ପ୍ରତିବାଦରେ ରବିବାର କଟକରେ ବିଭିନ୍ନ ସଂଗଠନ ପକ୍ଷରୁ ଶୋଭାଯାତ୍ର କରାଯାଇଥିଲା। ଦରଘା *(ପୃଷ୍ଠା ୭ରେ)*

# ଦାର୍ଜିଲିଂରେ ଭୂସ୍ଖଳନ : ୧୭ ଜଣଙ୍କ ମୃତ୍ୟୁ



**ଦାର୍ଜିଲିଂ, ୫।୧୦**

ଶନିବାର ସନ୍ଧ୍ୟାରୁ ନିରନ୍ତର ପ୍ରବଳ ବର୍ଷା ପରେ ମିରିକ ନିକଟବର୍ତ୍ତୀ ଜସବିର ଗାଁରେ ଭୂସ୍ଖଳନ ହେବା ଫଳରେ ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲାରେ ଅତି କମରେ ୧୭ ଜଣଙ୍କର ମୃତ୍ୟୁ ହୋଇଛି। ଜିଲ୍ଲା ସହର ଏବଂ ପର୍ଯ୍ୟଟନସ୍ଥଳୀ ମିରିକ ଏବଂ କର୍ସିଓଙ୍ଗକୁ ସଂଯୋଗ କରୁଥିବା ଡୁଡିଆ ଲୁହା ସେତୁ ମଧ୍ୟ ପ୍ରବଳ ବର୍ଷା ଯୋଗୁଁ ଭୁଶୁଡ଼ି ପଡ଼ିଛି। ଏହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯାଇଛି। ଜଳସ୍ତର ବୃଦ୍ଧି ପାଇବା ସହିତ ନଦୀ *(ପୃଷ୍ଠା ୭ରେ)*

## ଦାର୍ଜିଲିଂ ସେତୁ ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ଶୋକ

**ଦାର୍ଜିଲିଂ, ୫।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦାର୍ଜିଲିଂରେ ଏକ ସେତୁ ଦୁର୍ଘଟଣା ଯୋଗୁଁ ପ୍ରାଣହାନି ପାଇଁ ଶୋକ ପ୍ରକାଶ କରିଛନ୍ତି ଏବଂ ପ୍ରଭାବିତଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବାକୁ କେନ୍ଦ୍ର ପ୍ରତିବଦ୍ଧ ବୋଲି ଆଶ୍ୱାସନା ଦେଇଛନ୍ତି। ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି: "ଦାର୍ଜିଲିଂରେ ଏକ ବ୍ରିଜ୍ ଦୁର୍ଘଟଣା ଯୋଗୁଁ ପ୍ରାଣହାନିରେ ଗଭୀର ମର୍ମାହତ। ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ସମବେଦନା। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ"। "ପ୍ରବଳ ବର୍ଷା *(ପୃଷ୍ଠା ୭ରେ)*

## କଟକରେ କର୍ଫ୍ୟୁ ଜାରି

**କଟକ, ୫।୧୦**
**ନ୍ୟୁଜ୍‌ବ୍ୟୁରୋ**

କଟକରେ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରାଯାଇଛି। ରବିବାର ରାତି ୧୦ଟାରୁ କର୍ଫ୍ୟୁ ଆରମ୍ଭ ହୋଇଛି ଏବଂ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ପୋଲିସ କମିଶନର ଏସ ଦେବ ଦତ୍ତ ସିଂହ ଏନେଇ ସୂଚନା ଦେଇଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, କଟକରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ପରେ ଏହି ନିଷ୍ପତ୍ତି ନିଆଯାଇଛି। ୧୩ଟି ଥାନା କ୍ଷେତ୍ରରେ କର୍ଫ୍ୟୁ ଜାରି କରାଯାଇଛି। ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଜାରି ରହିବ। ସେଗୁଡ଼ିକ ମଧ୍ୟରେ ମର୍କତ ନଗର, ମାଲଗୋଦାମ, ଦରଘା ବଜାର, ମଙ୍ଗଳାବାଗ, କ୍ୟାଣ୍ଟନମେଣ୍ଟ, ଲାଲବାଗ, ବିଡ଼ାନାସୀ, ଜଗତପୁର, ବାଦାମବାଡି, ସିଡିଏ ଫେଜ୍-୨, ପୁରୀଘାଟ ଥାନା ଏବଂ ବାୟାଳିଶ ମୌଜା ଅଞ୍ଚଳ ଅନ୍ତର୍ଭୁକ୍ତ।

# ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଜାରି ହେଲା ଏସ୍‌ଓପି

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍‌ବ୍ୟୁରୋ**

ପୁଲିସ ଏସଆଇ ପରୀକ୍ଷା ପରିଚାଳନାରେ ଅନିୟମିତତାକୁ ନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିବା ବେଳେ ଏହା ଉପରେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କୌଣସି ପରିସ୍ଥିତିରେ ଅନିୟମିତତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଚେତାବନୀ ଦେବା ସହିତ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଅପଣାଯିବ ବୋଲି କହିଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଆୟୋଜନରେ ସ୍ୱଚ୍ଛତା ରକ୍ଷା ତଥା ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ଥର ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଷ୍ଟାଣ୍ଡାର୍ଡ଼ ଅପରେଟିଂ



ପ୍ରସିଜୁଅର(ଏସଓପି) ବା ମାର୍ଗଦର୍ଶିକା ଜାରି କରାଯାଇଛି। ଇତିମଧ୍ୟରେ ରାଜ୍ୟ ସରକାର ୨୦୨୪ ଜୁନରୁ ଏପର୍ଯ୍ୟନ୍ତ ଅନୁଷ୍ଠିତ ନିଯୁକ୍ତି ଭିତ୍ତିକ ପରୀକ୍ଷା ସଂକ୍ରାନ୍ତ ଅନିୟମିତତା ପ୍ରସଙ୍ଗରେ ସାଧାରଣ ପ୍ରଶାସନ ବିଭାଗକୁ ରିପୋର୍ଟ ମାଗିବା ସହିତ ପୂର୍ବ ସରକାର ଅମଳରୁ କ୍ରମାଗତ ଭାବେ ଚାଲିଥିବା ପରୀକ୍ଷା ଦୁର୍ନୀତି ଉପରୁ ପରଦା ହଟାଇବା ପାଇଁ ଜୋରସୋର ଉଦ୍ୟମ ଚଳାଇଛନ୍ତି।

ଏସଆଇ ପରୀକ୍ଷା ବାତିଲ ହେବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପାଇଁ ବିରୋଧୀ-ଶାସକ ମଧ୍ୟରେ ବାଦ-ବିବାଦ ଲାଗିରହିଛି। ଘଟଣାରେ ବହୁ ପ୍ରଭାବଶାଳୀ ଲୋକଙ୍କ ସଂପୃକ୍ତି ଥିବା ଚର୍ଚ୍ଚା ହେଉଥିବାବେଳେ କେତେକ ଏହାକୁ କେବଳ ରାଜନୀତି ଭିତରେ ସୀମିତ ରଖିବାକୁ ଉଦ୍ୟମ କରୁଛନ୍ତି। ଓଡ଼ିଶା ପୁଲିସ ରିକ୍ରୁଇଟମେଣ୍ଟ ବୋର୍ଡ଼, ପରୀକ୍ଷା ଦାୟିତ୍ୱରେ ଥିବା ମୁଖିଆଙ୍କ କାର୍ଯ୍ୟକଳା, ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା, ଦାୟିତ୍ୱ ହସ୍ତାନ୍ତରିତ ହୋଇଥିବା ଆଉଟସୋର୍ସିଂ ସଂସ୍ଥା ଏବେ ସନ୍ଦେହ ଘେରରେ ଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହାର ତଦନ୍ତ ଚାଲିଛି।

ଓଡ଼ିଶାରେ ୨୦୨୧ରୁ *(ପୃଷ୍ଠା ୭ରେ)*

## ଆମେରିକା ସହ କିଛି ପ୍ରସଙ୍ଗରେ ବୁଝାମଣା ହେବା ଜରୁରୀ



**ନୂଆଦିଲ୍ଲୀ, ୫।୧୦**

ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର କେଇସି ୨୦୨୫ରେ ଭାରତ ଏବଂ ଆମେରିକା ସମ୍ବନ୍ଧକୁ ନେଇ ବର୍ତ୍ତମାନର ସମ୍ପର୍କ ଉପରେ ବିସ୍ତାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବାଣିଜ୍ୟ ପ୍ରସଙ୍ଗରେ ଭାରତ ଏବଂ ଆମେରିକା ମଧ୍ୟରେ ବର୍ତ୍ତମାନ ମତଭେଦ ରହିଛି। ଜୟଶଙ୍କର *(ପୃଷ୍ଠା ୭ରେ)*

# ମାଓବାଦୀ ମୁକ୍ତ ହେବ ପ୍ରତିଟି ଗାଁ

**ବସ୍ତର, ୫।୧୦**

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଛତିଶଗଡ଼ର ବସ୍ତରରେ ପହଞ୍ଚିଥିଲେ। ଏହି ଗସ୍ତ ଅନେକ ଦୃଷ୍ଟିରୁ ଐତିହାସିକ ଥିଲା। ଅମିତ ଶାହା ପ୍ରଥମେ ମା' ଦାନ୍ତେଶ୍ୱରୀ ମନ୍ଦିରରେ ପ୍ରାର୍ଥନା କରିଥିଲେ ଏବଂ ବସ୍ତରକୁ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ଦେବୀଙ୍କ ଆଶୀର୍ବାଦ ଲୋଡ଼ିଥିଲେ।

ତା'ପରେ ସେ ବସ୍ତର ଦଶହରାର ଏକ ଗୁରୁତ୍ୱପୂର୍ଣ୍ଣ ରୀତି, ମୁରିଆ ଦରବାରରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ପରମ୍ପରା ଅନୁଯାୟୀ, ସେ ବସ୍ତର ଦଶହରା କମିଟିର ମୁଖ୍ୟ ଏବଂ ସମସ୍ତ ଗ୍ରାମ ମୁଖ୍ୟଙ୍କ ସହିତ ସାକ୍ଷାତ କରିଥିଲେ, ସେମାନଙ୍କ ଗାଁର ସମସ୍ୟା ଶୁଣିଥିଲେ ଏବଂ ପ୍ରଶାସନକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।



ସେ ବସ୍ତର ଦଶହରାର ମୁଖ୍ୟ ମାଝୀ ଚଳକିଆମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ୨୦୩୧ ସୁଦ୍ଧା ବସ୍ତରର ପ୍ରତ୍ୟେକ ଗାଁରେ ବିଦ୍ୟୁତ, ରାସ୍ତା ଏବଂ ପାଣି ରହିବ। ଏହା ସର୍ବାଙ୍ଗୀନ ବିକାଶ କରିବ। ମାଓବାଦୀ ମୁକ୍ତ ହେବାକୁ ଥିବା ଗ୍ରାମଗୁଡ଼ିକର ବିକାଶ ପାଇଁ ଛତିଶଗଡ଼ ସରକାର ୧ କୋଟି ଟଙ୍କା ଯୋଗାଇ ଦେଉଛନ୍ତି ଏବଂ ଏହି ରାଶି ଗ୍ରାମଗୁଡ଼ିକରେ ବିକାଶ କାର୍ଯ୍ୟ ପାଇଁ ବ୍ୟବହୃତ ହେଉଛି। ସେ କହିଥିଲେ ଯେ ୨୦୩୧ ସୁଦ୍ଧା ବସ୍ତର ଡିଭିଜନରେ ବିଦ୍ୟୁତ ବିନା କୌଣସି ଗାଁ ରହିବ ନାହିଁ।

ବସ୍ତର ମହୋତ୍ସବ ମଞ୍ଚରୁ ଜନସାଧାରଣଙ୍କୁ ସମ୍ବୋଧିତ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଥିଲେ, 'ମୁଁ ଦେବୀ ଦନ୍ତେଶ୍ୱରୀଙ୍କୁ ପ୍ରାର୍ଥନା କରିଛି ଯେ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ବସ୍ତର ସମ୍ପୂର୍ଣ୍ଣ ନକ୍ସଲ ବା ମାଓବାଦୀ ମୁକ୍ତ ହେଉ।' ସେ କହିଥିଲେ ଯେ ଦିଲ୍ଲୀର କିଛି ଲୋକ ଦାବି କରନ୍ତି ଯେ ବସ୍ତରରେ ବିକାଶ ଏବଂ ନକ୍ସଲବାଦ ମଧ୍ୟରେ ଯୁଦ୍ଧ ଚାଲିଛି, କିନ୍ତୁ ବର୍ତ୍ତମାନ ବସ୍ତର ବିକାଶ ପଥରେ ଦୃଢ଼ ଭାବରେ ଆଗକୁ ବଢୁଛି।

# ଜାତୀୟ ରାଜପଥରେ ଟୋଲ ପେମେଣ୍ଟକୁ ଅଧିକ ଡିଜିଟାଲ କରାଯିବ

**ନୂଆଦିଲ୍ଲୀ, ୫।୧୦**

ଜାତୀୟ ରାଜପଥରେ ଟୋଲ ପେମେଣ୍ଟକୁ ଆହୁରି ଡିଜିଟାଲ କରିବା ପାଇଁ ସରକାର ଏକ ନୂତନ ନିୟମ ଲାଗୁ କରିଛନ୍ତି। ଫାସ୍‌ଟାଗ୍ ବିନା ଗାଡ଼ି ପାଇଁ ନଗଦ ଦେୟ ଏବେ ମହଙ୍ଗା ହେବ, ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିବା ପାଇଁ କମ୍ ଶୁଳ୍କ ଦେବାକୁ ପଡ଼ିବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅନୁଯାୟୀ, ୨୦୦୮ ଜାତୀୟ ରାଜପଥ ଟୋଲ ନିୟମ ସଂଶୋଧନ କରାଯାଇଛି। ନୂତନ ନିୟମ ୧୫ ନଭେମ୍ବର, ୨୦୨୫ରୁ କାର୍ଯ୍ୟକାରୀ ହେବ। ଏହି ନିୟମ ଅନୁଯାୟୀ, ଯଦି କୌଣସି ଗାଡ଼ି ଫାସ୍‌ଟାଗ୍ ବିନା ଟୋଲ ପ୍ଲାଜା ଦେଇ ଯାଏ ଏବଂ ନଗଦ ଦେୟ କରେ, ତେବେ ତାହା ଦୁଇଗୁଣ ଟୋଲ ଫି' ଦେବାକୁ ପଡ଼ିବ। ତଥାପି ଯଦି ସମାନ ଗାଡ଼ି ୟୁପିଆଇ ମାଧ୍ୟମରେ ଦେୟ କରେ, ତେବେ ତାହା କେବଳ ୧.୨୫ ଗୁଣ ଟୋଲ ଫି' ଦେବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ଫାସ୍‌ଟାଗ୍ ବ୍ୟବହାର କରି ୧୦୦ ଟୋଲ ଦେୟ ଦେଲେ ୨୦୦ ଟଙ୍କା ନଗଦ ଏବଂ ୟୁପିଆଇରେ ୧୨୫ ଟଙ୍କା ହେବ।

ଏହି ପରିବର୍ତ୍ତନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥରେ ନଗଦ କାରବାର ହ୍ରାସ କରିବା ଏବଂ ଡିଜିଟାଲ




ପେମେଣ୍ଟକୁ ପ୍ରୋତ୍ସାହିତ କରିବା। ମନ୍ତ୍ରଣାଳୟ କହିଛି ଯେ ଏହା ଟୋଲ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ମଜବୁତ କରିବ। ଫାସ୍‌ଟାଗ୍ ଏବଂ ୟୁପିଆଇ ବ୍ୟବହାର କରିବା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ଯାତ୍ରା ସହଜ ଏବଂ ଦ୍ରୁତ ହେବ, ଲମ୍ବା ଧାଡ଼ି ସମୟ ବଞ୍ଚିବ।


ଏହି ନିୟମ, ଯାହା ନଭେମ୍ବର ୨୦୨୫ରେ କାର୍ଯ୍ୟକାରୀ ହେବ, ଡିଜିଟାଲ ଇଣ୍ଡିଆ ଆଡ଼କୁ ଆଉ ଏକ ପ୍ରମୁଖ ପଦକ୍ଷେପ। ଯାତ୍ରୀମାନଙ୍କୁ ଅତିରିକ୍ତ ଦେୟ ଏଡାଇବା ଏବଂ ସେମାନଙ୍କ ଯାତ୍ରାକୁ ସହଜ କରିବା ପାଇଁ ପୂର୍ବରୁ ଫାସଟାଗ୍ ପାଇବା ଏବଂ ଟଟଓ ଭଳି ବୈଶିଷ୍ଟ୍ୟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

## ଏକାଳ ପଖାଳ



ସରକାର ଆମ ମନକଥା ବୁଝି
ଦିଅନ୍ତି ବଡ଼ଙ୍କୁ ମାନ
ମହାପୁରୁଷଙ୍କ ଅବଦାନ ପ୍ରତି
ଲାଗୁଛି ରହିଛି ଧ୍ୟାନ
ବାଜିରାଉତଙ୍କ ବଳିଦାନ
ତାଙ୍କ ନାମେ ହେବ ରାଜଧାନୀ ରାସ୍ତା
କରିବ ଯେ ଯଶଗାନ।

# ବଦଳିଯିବ ପାକିସ୍ତାନର ଇତିହାସ ଭୂଗୋଳ : ରାଜନାଥ



**ନୂଆଦିଲ୍ଲୀ, ୫।୧୦**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସମ୍ପ୍ରତି ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ କରାଚୀକୁ ଯିବା ପାଇଁ ରାସ୍ତା ସର କ୍ରିକ୍ ଦେଇ ଯାଇଥାଏ। ଏହି ବିବୃତ୍ତି ପାକିସ୍ତାନୀ ନୌସେନା ଭିତରେ ହଇଚଇ ସୃଷ୍ଟି କରିଛି। ପାକିସ୍ତାନୀ ନୌସେନା କରାଚୀ ବନ୍ଦର ସଂଲଗ୍ନ ଆରବ ସାଗରରେ କ୍ଷେପଣାସ୍ତ୍ର ଫାୟାରିଂ ଅଭ୍ୟାସ ସମ୍ପର୍କରେ ଶୀଘ୍ର ଏକ ନୋଟିସ ଜାରି କରିଛି।

ପାକିସ୍ତାନୀ ନୌସେନା ଅକ୍ଟୋବର ୯-୧୦ରେ କରାଚୀ ସଂଲଗ୍ନ ଆରବ ସାଗରରେ କ୍ଷେପଣାସ୍ତ୍ର ଏବଂ ବନ୍ଧୁକ ଗୁଳିଚାଳନା ସମ୍ପର୍କରେ ସୂଚନା ପ୍ରଦାନ କରି ଏକ ନଟମାର (ମାରାଇନର୍ସଙ୍କୁ ନୋଟିସ) ଜାରି କରିଛି। ରାଜନାଥ ସିଂହଙ୍କ ବିବୃତ୍ତିର ଦୁଇ ଦିନ ପରେ ପାକିସ୍ତାନୀ ନୌସେନା ପକ୍ଷରୁ ଏହି ନଟମାର ଆସିଛି। ରାଜନାଥ ସିଂହ ଗୁଜରାଟର ସର କ୍ରିକ୍ ଅଞ୍ଚଳ ପରିଦର୍ଶନ କରିଥିଲେ ଏବଂ ପାକିସ୍ତାନକୁ ଚେତାବନୀ ଦେଇଥିଲେ ଯେ ଏହି ଅଞ୍ଚଳରେ ଯେକୌଣସି ଦୁଃସାହସିକ କାର୍ଯ୍ୟ ପାକିସ୍ତାନର ଇତିହାସ ଏବଂ ଭୂଗୋଳକୁ ପରିବର୍ତ୍ତନ କରିବ।

ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ସ୍ୱାଧୀନତାର ୭୮ ବର୍ଷ ସତ୍ତ୍ୱେ, ସର କ୍ରିକ ଅଞ୍ଚଳରେ ସୀମା *(ପୃଷ୍ଠା ୭ରେ)*

# ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ ବର୍ଷା : ୨୦ ଜିଲ୍ଲାରେ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର, ୫।୧୦**
**ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ୪ ଦିନ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ। ପରବର୍ତ୍ତୀ ୩ ଦିନ ପାଇଁ କୌଣସି ଚେତାବନୀ ନାହିଁ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ନୟାଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼। ଚେତାବନୀ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ।

ସୋମବାର ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ୭ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୮ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ପରବର୍ତ୍ତୀ ୩ ଦିନ ପାଇଁ କୌଣସି ଚେତାବନୀ ନାହିଁ। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୬ ଅକ୍ଟୋବର ୨୦୨୫ ସୋମବାର





### ସୁନା, ନିଶାଦ୍ରବ୍ୟ ଚାଲାଣ ପାଇଁ ଆକାଶପଥ ନିରାପଦ

# ୪ ବର୍ଷରେ ୯୧କୋଟିର ସୁନା, ୨୧କୋଟିର ନିଶାଦ୍ରବ୍ୟ ଜବତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେତେବେଳେ କାର୍ଗୋରୁ ସୁନାଗହଣା ଆଉ କେତେବେଳେ ମଳଦ୍ୱାରରୁ ନିଶାଦ୍ରବ୍ୟ । ଗତ ୪ବର୍ଷ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ବିଦେଶରୁ ଏଭଳି ଢଙ୍ଗରେ ୧୧୦ କେଜି ସୁନାଗହଣା, ୨୧ କେଜି ମାରିଜୁଆନା ଜବତ ହୋଇଛି । କେବଳ ଏତିକି ନୁହେଁ, ଆକାଶପଥରେ ପଶୁପକ୍ଷୀଙ୍କ ନିଷିଦ୍ଧ ଅଙ୍ଗ ବିଦେଶକୁ ପଠାଯାଉଛି । ସବୁଠାରୁ କଡ଼ା ସୁରକ୍ଷା ବଳୟରେ ରହୁଥିବା ବିମାନଯାତ୍ରାକୁ ଅନାୟାସରେ ଅପରାଧୀ ବ୍ୟବହାର କରୁଛନ୍ତି । କେତୋଟି ହାତଗଣତି ମାମଲା ଧରାପଡୁଥିବା ବେଳେ ଅଧିକାଂଶରେ ଅପରାଧୀ ସଫଳ ହେଉଛି । ବିମାନବନ୍ଦରରେ ଦେଇ କୌଣସି ଆପତ୍ତିଜନକ ଜିନିଷ ଯିବା କାଠିକର ପାଠ । ହେଲେ ମାଫିଆମାନେ



ପୁଲିସକୁ ଚକ୍‌ମା ଦେଇପାରୁଛନ୍ତି । ମେଟାଲ୍ ଡିଟେକ୍ଟର, ସ୍କାନର ସବୁ ଫେଲ୍ ମାରୁଛି । ଅପରାଧୀ କିଭଳି ଏତେ ସାହସ କରୁଛନ୍ତି ? କିଏ ଏମାନଙ୍କୁ ସୁରକ୍ଷା ଯୋଗାଉଛି ? ଚଳିତ ବର୍ଷ ଆରମ୍ଭରୁ ବିମାନବନ୍ଦରରୁ ୩ ଥରରେ ୨୧କୋଟି ଟଙ୍କାର ମାରିଜୁଆନା ଜବତ କରାଯାଇଥିଲା । ବଡ଼କଥା ହେଲା ଯେ ଏହି ମାରିଜୁଆନା ଚାଲାଣର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଛି । ଗତ ଜାନୁଆରୀ ୧୮ ତାରିଖରେ ପୁଣି ଜଣେ ଯୁବକ ବ୍ୟାଙ୍କକ୍‌ରୁ ୭କୋଟିର ମାରିଜୁଆନା ନେଇ ଆସୁଥିବା ବେଳେ ଧରାପଡ଼ିଥିଲା । ଗତ ୧୫ ତାରିଖରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ କଷ୍ଟମସ୍ ବିଭାଗ ମିଳିତ ଚଢ଼ଉ କରି ୪କୋଟି ଟଙ୍କାର ମାରିଜୁଆନା ଜବତ କରିଥିଲେ । ଗତ ମାସ ୪ ତାରିଖରେ କ୍ୱାଲାଲୁମ୍ପୁରରୁ ୧୦କୋଟି ମୂଲ୍ୟର ୧୦ କେଜି ମାରିଜୁଆନା ଧରି ଆସୁଥିବା ବେଳେ ୨ ବଙ୍ଗୀୟ ମହିଳା ଧରାପଡ଼ିଥିଲେ । ୨୦୨୪ ଅଗଷ୍ଟ ୨୮ରେ ଭୁବନେଶ୍ୱର ବିମାନବନ୍ଦରରୁ ୮୭ କେଜି ସୁନା ଓ ୨୦୦ କେଜି ରୁପା ଜବତ ହୋଇଥିଲା । ଯାହାର ମୂଲ୍ୟ ୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ । ନିୟୁଜ୍ ଏୟାର ସର୍ଭିସ ଲଜିଷ୍ଟିକ୍‌ସର ଦୁଇଟି ଗାଡ଼ିରେ ୧୦ଟି ଟ୍ରଙ୍କ୍‌ରେ ଏହି ସୁନା ଓ ରୁପା ଚାଲାଣ ହେଉଥିବା ବେଳେ ଧରାପଡ଼ିଥିଲା । ଗତବର୍ଷ ୮ ମେ'ରେ ଦୁବାଇରୁ ଭୁବନେଶ୍ୱର ଆସିଥିବା ୪ ଜଣ ଯାତ୍ରୀଙ୍କ ଠାରୁ ୩.୭୭ କେଜି ସୁନା ଜବତ କରାଯାଇଥିଲା । ଯାହାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ । କୌତୁହଳପ୍ରଦ କଥା ହେଉଛି, ସୁନାକୁ ସେମାନେ କ୍ୟାପସୁଲ ମାଧ୍ୟମରେ ନିଜ ମଳଦ୍ୱାରରେ ଦୁବାଇରୁ ଆଣୁଥିଲେ । ଏପ୍ରିଲ୍ ୧୯ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରୁ ମୁମ୍ବାଇ ଚାଲାଣ ବେଳେ ୩.୮କେଜି ଓଜନର ସୁନା ଜବତ ହୋଇଥିଲା । ଜବତ ସୁନାର ମୂଲ୍ୟ ୨.୫ କୋଟିରୁ ଊର୍ଦ୍ଧ୍ୱ ହେବ । ଏପ୍ରିଲ୍ ୧୭ରେ ମହାରାଷ୍ଟ୍ରର ଜଣେ କୁଖ୍ୟାତ ସୁନା ସ୍ମଗଲର ଠାରୁ ୧କେଜି ସୁନା ଜବତ ହୋଇଥିଲା । ଏହି କେଜିଏ ସୁନା ମଧ୍ୟ ମଳଦ୍ୱାରରୁ ମିଳିଥିଲା । ୨୦୨୩ ମସିହାରେ ୨.୧୮କୋଟି ମୂଲ୍ୟର ୩.୫୩ କେଜି ସୁନା, ୨୦୨୨ରେ ୨କେଜି ସୁନା ଓ ୨୦୧୯ରେ ୧୨.୯୩ କେଜି ସୁନା ଜବତ ହୋଇଥିଲା ।

### ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ନେଇ ବିଜେପି ବିଧାୟକ ବାବୁ ସିଂଙ୍କ ବଡ଼ ବୟାନ

# କେବଳ ଛୋଟ ମାଛ ନୁହେଁ ବଡ଼ ମାଛଙ୍କ ସମୟ ଆସୁଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏସ୍‌ଆଇ ନିଯୁକ୍ତି ଦୁର୍ନୀତି ନେଇ ବିଜେପି ବିଧାୟକ ବାବୁ ସିଂଙ୍କ ବଡ଼ ବୟାନ । କାର୍ପେଟଦାର କୁହାଯାଉଥିବା ଶଙ୍କର ପ୍ରୁଷ୍ଟି ବ୍ରହ୍ମପୁର ଯେଉଁ ଘରେ ଅଫିସ୍ ଚଳାଉଥିଲେ ସେ ଘର କାହାର ବୋଲି ବାବୁ ସିଂ ପ୍ରଶ୍ନ କରିଛନ୍ତି । ସେଇଟା ବିଜେଡ଼ି ନେତାଙ୍କ ଘର ନୁହଁ ତ ? ଯେଉଁଠି ଚାଦର ଘୋଡାଇ ହୋଇ ଲୁଚିଲେ ବି ଜମା ଛଡାଯିବନି । ଦୁର୍ନୀତି ତ ହେଉଥିଲା କିନ୍ତୁ ଧରାପଡିଲେ କେତେବେଳେ, ବିଜେପି ସରକାରରେ । ୨୦୧୯, ୨୦୨୨ରେ ଚାକିରି ଦୁର୍ନୀତି କଥା ଦେଖନ୍ତୁ, ଆଜି ଯେଉଁମାନେ ଚାକିରି କରିଛନ୍ତି, କେମିତି କରିଛନ୍ତି । ୧୧୮ ଜଣ ଧରାପଡିଲେଣି । କେବଳ ଛୋଟ ମାଛ ନୁହେଁ ବଡ଼ ମାଛଙ୍କ ସମୟ ଆସୁଛି । ଗୋଟିଏ ପଞ୍ଚାୟତର ୨୫ ଜଣ ପିଲା ଚାକିରି ପାଇଥିଲେ ବିଗତ ଦିନରେ । ଅତୀତର ସରକାରରେ ଦୁର୍ନୀତି ବଢିଥିଲା ।



ଘରୋଇ କୋଚିଂ ସେଣ୍ଟରର ମାଲିକ କେଉଁ ଦଳର ? ୫୦ରୁ ୬୦ ପ୍ରତିଶତ ଗୋଟିଏ ସଂସ୍ଥାରୁ ପିଲା ଚାକିରି ପାଉଥିଲେ । କେବଳ ଏସ୍‌ଆଇ ନୁହଁ ବିଗତ ସରକାର ସମୟରେ ଅନେକ ନିଯୁକ୍ତିରେ ସେଇ ସଂସ୍ଥାରୁ ପିଲା ଦୁର୍ନୀତି ମାଧ୍ୟମରେ ଚାକିରି ପାଇଛନ୍ତି । ବିଗତ ସରକାର ଏ ଚାକିରି ଦୁର୍ନୀତି ବାଟ ଦେଖାଇଥିଲା । ଆମ ସରକାର ସେ ବାଟ ବନ୍ଦ କରୁଛି । ମୁହଁ ଘୋଡାଇବାକୁ ବିଜେଡ଼ି ଆନ୍ଦୋଳନ କରିବ । ଫଟୋ କାହା ସହିତ ଯଦି ରହିଛି ତାକୁ ନେଇ ବିଜେଡ଼ି ରାଜନୀତି କରୁଥାଏ ତେବେ ତାଙ୍କ ଦଳର ଅଧେ ନେତା ବନ୍ଧା ହେବେ । ବହୁ ଅପରାଧିଙ୍କ ସହିତ ବିଜେଡ଼ି ନେତାଙ୍କ ଫଟୋ ଅଛି ବୋଲି ବାବୁ ସିଂ କହିଛନ୍ତି ।

# ନୂଆ ଟେକ୍ ପାର୍କ ସ୍ଥାପନ କରିବ ଓଡ଼ିଶା

### ଡମଣା ଛକରେ ୨୫ ଏକର ମାଗିଲା ଆଇଟି ବିଭାଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଯୁକ୍ତି କ୍ଷେତ୍ରର ବହୁ ବଡ଼ ବଡ଼ କମ୍ପାନି ରାଜ୍ୟରେ ସେମାନଙ୍କ ୟୁନିଟ୍ ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ସେମାନଙ୍କୁ ଏକ ଉପଯୁକ୍ତ ସ୍ଥାନ ଯୋଗାଇବା ଲାଗି ଡମଣା ଛକ ନିକଟରେ ଏକ ଟେକ୍ ପାର୍କ ସ୍ଥାପନ କରିବା ଉପରେ ରାଜ୍ୟ ସରକାର ବିଚାର କରୁଛନ୍ତି । ସେଥିପାଇଁ ୨୫ ଏକର ଜମି ଦେବାକୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ? ଲେଖାଯାଇଛି । ଆଇଟି ବିଭାଗ ଜଣାଇଛି ଯେ ଭୁବନେଶ୍ୱର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ହବ୍ ଭାବେ ଉଭା ହେଉଥିବା ବେଳେ ଗୁଣାତ୍ମକ ସ୍ଥାନ ଯୋଗାଇ ଦିଆଗଲେ ତାହା ରାଜ୍ୟର ଆଇଟି ଅଭିବୃଦ୍ଧିକୁ ବଢ଼ାଇବ । ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ବିକାଶ କରାଗଲେ ତାହା ସ୍ଥାନାଭାବ ସମସ୍ୟାକୁ ଦୂର କରିପାରିବ । ଜମି ସମସ୍ୟାର ସମାଧାନ କରିବା ଲାଗି ପଟିଆ ପାଖରେ ଥିବା ୨୫ ଏକର ଜାଗା ଦେବାକୁ ଆଇଟି ବିଭାଗ ଅନୁରୋଧ କରିଛି । ସେହି ଜମି ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଆବଣ୍ଟନ କରାଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେଠାରେ କୌଣସି କାମ ହୋଇନାହିଁ । ଇନ୍‌ଫୋଭାଲି ଅଞ୍ଚଳରେ ଥିବା ଖାଲି ଜାଗାକୁ ଅଣ ସୂଚନା ପ୍ରଯୁକ୍ତି କ୍ଷେତ୍ରର କମ୍ପାନିଗୁଡ଼ିକୁ ଆବଣ୍ଟନ କରାଯିବାକୁ ନେଇ ଆଇଟି ବିଭାଗ ଅସନ୍ତୋଷ ଜାହିର କରିଥିଲା । ଯେଉଁମାନେ ଜମି ନେଇ ଦୀର୍ଘଦିନ ଧରି କିଛି କାମ କରୁନାହାନ୍ତି, ସେମାନଙ୍କ ଆବଣ୍ଟନ ବାତିଲ କରିବା ଏବଂ ଖାଲି ଜାଗାକୁ କେବଳ ଆଇଟି ଓ ତତ୍ ସଂକ୍ରାନ୍ତୀୟ କମ୍ପାନିଗୁଡ଼ିକୁ ଆବଣ୍ଟନ କରିବାକୁ ବିଭାଗ ଦାବି କରିଥିଲା । ଇତି ମଧ୍ୟରେ ରାଜ୍ୟ ସରକାର ଦେଶ ବିଦେଶର ବହୁ ଆଇଟି, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର,



ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ମାନୁଫାକ୍‌ଚରିଂ (ଇଏସ୍‌ଡିଏମ୍) ନିବେଶ ହାସଲ କରିଛି । ସେମାନଙ୍କ ପାଇଁ ଗୁଣାତ୍ମକ ଆଇଟି ପାର୍କ ବିକାଶ ଏବେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି । ସରକାର ଜାଗା ଦେଇପାରୁ ନଥିବାରୁ ଡେଲଏଟ୍, କଗ୍ନିଜାଣ୍ଟ ଓ କନସେଣ୍ଟ୍ରିକ୍ସ ଭଳି ସଂସ୍ଥା ଭଡ଼ାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି । ନିକଟରେ ଶେଷ ହୋଇଥିବା ଉତ୍କର୍ଷ ଓଡ଼ିଶା: ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୨୫ରେ ରାଜ୍ୟ ସରକାର ଆଇଟି, ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ୨୦,୯୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି । କିନ୍ତୁ ପୁଞ୍ଜିନିବେଶ ଘୋଷଣା କରିଥିବା କିନ୍ତୁ ବାସ୍ତବତା ହେଉଛି ସିକ୍‌ସେମ୍, ଆରଆଇଆର ପାୱାର ଓ ହେଟେରୋଜିନିଅସ୍ ଭଳି କମ୍ପାନି ଏବେବି ଜମି ଆବଣ୍ଟନ ଅପେକ୍ଷାରେ ରହିଛନ୍ତି । ଜୋରୋ, ଏମ୍‌ଭି ଫଟୋଭୋଲ୍‌ଟାଇକ୍ ପାୱାର, କାଏନିସ୍ ଭଳି କମ୍ପାନି ରାଜ୍ୟରେ ନିବେଶ କରିବକୁ ଚାହୁଁଛନ୍ତି ।

# ବନ୍ଦ ହୋଇଯିବ ବୁନ୍ ବଂଶବୃଦ୍ଧି : ଶେଷନିଶ୍ୱାସ ଅପେକ୍ଷାରେ ବୃଦ୍ଧ ଜଗା

**ଭୁବନେଶ୍ୱର, ଦୀପିକା ବ୍ୟୁରୋ**

୧୯୯୩ ମସିହା ପରଠୁ ବବୁନ୍ ଜଗା ଓ ତା'ର ପରିବାର ଥିଲା ନନ୍ଦନକାନନ ପ୍ରାଣୀ ଉଦ୍ୟାନର ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣ । ଏହି ବିରଳ ପ୍ରଜାତିର ମାଙ୍କଡ଼ଙ୍କୁ ନ ଦେଖିଲେ ନନ୍ଦନକାନନ ଭ୍ରମଣ ଅଧୁରା ବୋଲି ବିଚାର କରାଯାଉଥିଲା । କିନ୍ତୁ ଆଜି ସେଦିନ ନାହିଁ । ବୃଦ୍ଧାବସ୍ଥାରେ ପହଞ୍ଚିସାରିଥିବା ୩୬ ବର୍ଷୀୟ ଜଗା ଶେଷ ନିଶ୍ୱାସ ଅପେକ୍ଷାରେ । ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଜଗା ଏବେ ପ୍ରତି କ୍ଷଣ ମୃତ୍ୟୁ ସହ ଯୁଝୁଛି । ଖୁବ୍ ଶୀଘ୍ର ସେ ଆଖି ବୁଜିବ । ମାତ୍ର ପରିତାପର କଥା ଜଗା ମରିବା ପରେ ନନ୍ଦନକାନନ ବବୁନ୍ ବଂଶବୃଦ୍ଧିର ଭବିଷ୍ୟତ ବିପଦରେ ପଡ଼ିବା ଆଶଙ୍କା ରହିଛି । କାରଣ ଏବେ ନନ୍ଦନକାନନରେ ଜଗା ସହ ରହିଛି ଏକମାତ୍ର ମାଈ ବବୁନ୍ । ଏମିତିରେ ବୟସର ତାରତମ୍ୟ ହେତୁ ଜଗା ଓ ମାଈ ବବୁନ୍‌ର ମିଳନ ସମ୍ଭବ ନଥିଲା । ତେଣୁ ବେଶ୍ କିଛି ଦିନ ହେଲା ନନ୍ଦନକାନନରେ ବବୁନ୍ ଖୁଆଡ଼ରେ ନୂଆ ଅତିଥି ଦେଖା ନଥିଲେ । ଏବେ



ଜଗା ଠିକ୍ ଭାବରେ ଖାଦ୍ୟ ପାନୀୟ ଗ୍ରହଣ କରିପାରୁ ନାହିଁ । ପ୍ରାଣୀ ଚିକିତ୍ସକ ଓ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ରହିଛି ଏବଂ ସେମାନେ ତା'ର ଯତ୍ନ ନେଉଛନ୍ତି । ତାକୁ ନିୟମିତ ଏନ୍‌ଜାଇମ୍, ଭିଟାମିନ୍ ଆଦି ଦିଆଯାଉଛି । ବଞ୍ଚିରହିଥିଲେ ହେଁ ତା'ର ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ଦେଖାଯାଉନାହିଁ । ପ୍ରାଣୀବିଜ୍ଞାନୀଙ୍କ ମତରେ ବବୁନ୍‌ମାନେ ସାଧାରଣତଃ ୩୫ରୁ ୪୦ ବର୍ଷ ବଞ୍ଚନ୍ତି । ଜଗାକୁ ଏବେ ୩୬ ବର୍ଷ । ତେଣୁ ସେ ବାର୍ଦ୍ଧକ୍ୟର ଶେଷ ସୀମାରେ ପହଞ୍ଚିସାରିଲାଣି । ଆଉ ବେଶି ଦିନ ବଞ୍ଚିବା ସମ୍ଭବ ନୁହେଁ । ସୂଚନାଯୋଗ୍ୟ ଯେ ୧୯୯୩ ମସିହାରେ ମାଡ୍ରାସ ଚିଡ଼ିଆଖାନାରୁ ୪ ବବୁନ୍‌ଙ୍କୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା ଏବଂ ବଂଶବୃଦ୍ଧି ଯୋଜନା କରାଯାଇଥିଲା । ପରବର୍ତ୍ତୀ ସମୟରେ ଯୋଜନା ମଧ୍ୟ ସଫଳ ହେଲା । ୨୦୦୬ ମସିହାରେ ଜଗା ଗୋଟିଏ ଅଣ୍ଡିରା ବବୁନ୍‌କୁ ଆକ୍ରମଣ କରି ମାରିଦେଇଥିଲା । ସେହି ବର୍ଷ ତା' ସହ ମିଳନରୁ ଏକ ମାଈ ବବୁନ୍ ୨ଟି ଶାବକ ଜନ୍ମ ଦେଇଥିଲା । କିନ୍ତୁ ମା' ବବୁନ୍ ଜନ୍ମ ପରବର୍ତ୍ତୀ ଯତ୍ନ ନ ନେବାରୁ ନବଜାତ ଶାବକଦ୍ୱୟଙ୍କର ମୃତ୍ୟୁ ହୋଇଯାଇଥିଲା । ୨୦୦୭ ଓ ୨୦୦୮ ମସିହାରେ ଜଗା ଔରସରୁ ଆଉ ୨ଟି ଶାବକ ଜନ୍ମଲାଭ କରିଥିଲେ । ୨୦୧୦ରେ ଜଗା ଏକ ୨ ବର୍ଷର ମାଈ ବବୁନ୍‌କୁ ଆକ୍ରମଣ କରି ମାରି ଦେଇଥିଲା । ପରେପରେ ମା' ବବୁନ୍‌ଟି ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା । ମାଈ ବବୁନ୍‌ର ମୃତ୍ୟୁ ପରେ ଜଗା ଅନ୍ୟମାନଙ୍କ ପ୍ରତି ଅଧିକ ଆକ୍ରମଣାତ୍ମକ ହୋଇଉଠିଥିଲା । ତେଣୁ ସେବେଠୁ ବଞ୍ଚିଥିବା ମାଈ ବବୁନ୍‌କୁ ଜଗାଠାରୁ ଦୂରେଇ ରଖାଯାଇଛି । ଜଗାକୁ ୩୬ ହୋଇଥିବା ବେଳେ ମାଈ ବବୁନ୍‌କୁ ୧୮ ବର୍ଷ ବୟସ । ବୟସରେ ଏତେ ପାର୍ଥକ୍ୟ ହେତୁ ଜଗା ସହ ତା'ର ମିଳନ ସମ୍ଭବ ହୋଇନାହିଁ । ତେଣୁ ୨୦୦୮ ମସିହା ପରଠୁ ନନ୍ଦନକାନନରେ ବବୁନ୍ ବଂଶରେ ନବଜାତ ନାହିଁ । ନୂଆ ଖୁଆଡ଼ ନିର୍ମାଣ କରିବା ଲକ୍ଷ୍ୟରେ ନନ୍ଦନକାନନ କର୍ତ୍ତୃପକ୍ଷ ସେମାନଙ୍କୁ ୪ ବର୍ଷ ହେଲା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅଲଗା କରି ରଖିଆସିଛନ୍ତି । ତେଣୁ ପର୍ଯ୍ୟଟକମାନେ ସେମାନଙ୍କୁ ଦେଖିବା ଅବକାଶ ପାଇନାହାନ୍ତି ।

# ଟ୍ରାଫିକ୍ ପୁଲିସର ଅମାନବିକତା: କୁନି ଝିଅକୁ କାର୍‌ରେ ବନ୍ଦୀ କରି ରଖିଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥା ପୂରା ହୁଗୁଳିଯାଇଛି । ସହରବାସୀ ତ୍ରାହି ତ୍ରାହି ଡାକିଲେଣି । ଲୋକଙ୍କ ଦୃଷ୍ଟି ହଟାଇବାକୁ ସହରରେ ବ୍ଲକିଂ ଚେକିଂ କରାଯାଇଛି । ଏହାରି ଭିତରେ ଟ୍ରାଫିକ୍ ପୁଲିସର ଅମାନବୀୟ ଆଚରଣ ବି ଦେଖିବାକୁ ମିଳୁଛି । ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଡ୍ରାଇଭରଙ୍କ ଉପରେ ଦାଉ ସାଧିବାକୁ ଯାଇ ଜଣେ କୁନି ଝିଅଙ୍କୁ କାର୍ ଭିତରେ ବନ୍ଦୀ ରହିବାକୁ ଟ୍ରାଫିକ୍ ପୁଲିସ୍ ବାଧ୍ୟ କରିଛି । ଝିଅର ଅଭିଭାବକ ଏହି ଅଭାବନୀୟ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ 'ଏକ୍ସ'ରେ ଜଣାଇଛନ୍ତି । ମଙ୍ଗଳବାର ଦିନ ପାଖାପାଖି ସାଢ଼େ ୧୦ଟା ବେଳେ ଏଜି ଛକରେ ଏକ କାର ୟୁ-ଟର୍ଣ୍ଣ ନେଇଥିଲା । ଏଜି ଛକରେ ଜଗି ରହିଥିବା ଟ୍ରାଫିକ୍ ପୁଲିସ ଗାଡ଼ିକୁ ଅଟକାଇ ଚାଳକଙ୍କ ଭୁଲ୍ ପାଇଁ ଜରିମାନା ଧାର୍ଯ୍ୟ କରିଦେଲେ । ମାତ୍ର ଚାଳକଙ୍କ ପାଖରେ ଟଙ୍କା ନଥିଲା । ତେଣୁ ସେ ଇ-ଚାଲାଣ କାଟିଦେବାକୁ ସେ



ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ କହିଥିଲେ । କିନ୍ତୁ ଜରିମାନା ବାବଦ ଅର୍ଥ ନଗଦ ଆକାରରେ ନଦେଲେ ଗାଡ଼ି ଛାଡ଼ିବେ ନାହିଁ ବୋଲି ପୁଲିସ କର୍ମଚାରୀ ରୋକ୍‌ଠୋକ ଶୁଣାଇଦେଲେ । ସ୍କୁଲ୍‌ରୁ ପିଲାଟି ଫେରୁଛି ଏବଂ ତାକୁ ଜୋରରେ ଭୋକ ହେଲାଣି ବୋଲି କହି ଚାଳକ ଛାଡ଼ିଦେବାକୁ ନେହୁରା ହୋଇଥିଲେ । କିନ୍ତୁ ନିର୍ଦ୍ଦୟ ଟ୍ରାଫିକ୍ ପୁଲିସ କାର୍‌କୁ ନେଇ ଟ୍ରାଫିକ୍ ଥାନା-୧ ପରିସରରେ ରଖିଦେଲେ । ପିଲାଟି ସେମିତି ଭୟଭୀତ ଅବସ୍ଥାରେ କାର୍ ଭିତରେ ବସି କାନ୍ଦୁଥାଏ । ପିଲାଟିକୁ କେହି ବି ପାଣି ଗିଲାସେ ବଢ଼ାଇ ଦେଇନଥିଲେ କି ତାକୁ ବୁଝାସୁଝା କରିବାକୁ ମହିଳା ପୁଲିସ୍ ବି ନଥିଲେ । ଯେମିତି ପୁଲିସ୍ ସର୍ବନିମ୍ନ ସମ୍ବେଦନଶୀଳତା ଭୁଲିଯାଇଥିଲା । ଖବର ପାଇ କୁନି ଝିଅର ମାଆ ଥାନାରେ ପହଞ୍ଚିବା ବେଳକୁ ଅଧ ଘଣ୍ଟାରୁ ଅଧିକ ସମୟ ବିତିସାରିଥିଲା । ଇ-ଚାଲାଣ କରିବାରେ କ'ଣ ଅସୁବିଧା ଥିଲା ବୋଲି ସେ ପୁଲିସ୍‌କୁ ପଚାରିଥିଲେ । କିନ୍ତୁ ନିଜର ଭୁଲ୍ ମାନିବାକୁ ଅପ୍ରସ୍ତୁତ ଥିବା ପୁଲିସ୍ ଅଧିକାରୀ ତାଙ୍କୁ ପାଲଟା ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ । କୁନି ଝିଅକୁ ମୁକୁଳାଇବା ଅଭିଭାବକଙ୍କ ମୁଖ୍ୟ କାମ ଥିଲା । ତେଣୁ ସେ ଥାନା ଅଧିକାରୀଙ୍କ ନାମରେ ପଞ୍ଜୀକୃତ ବାର କୋଡ୍‌ରେ ଜରିମାନା ପଇଠ କରି ଫେରିଥିଲେ । ଏଜି ଛକରେ 'ୟୁ ଟର୍ଣ୍ଣ ମନା' ବୋଲି କୌଣସି ସ୍ଥାନରେ ବୋର୍ଡ ମରାଯାଇ ନାହିଁ । କିନ୍ତୁ ୟୁ ଟର୍ଣ୍ଣ ନେଲେ ପୁଲିସ ହଠାତ ମାଡ଼ି ବସୁଛି । ଏ ନେଇ ନିୟମିତ ଅଭିଯୋଗ ହେଉଥିଲେ ବି ସେଠାରେ ବୋର୍ଡ ଲଗାଯାଉ ନାହିଁ । ପୁଣି ଇ-ଚାଲାଣ ବ୍ୟବସ୍ଥା ଲାଗୁ କରିବାକୁ ସରକାର ବାରମ୍ବାର କହୁଥିଲା ବେଳେ ଟ୍ରାଫିକ୍ ପୁଲିସ କାହିଁକି ପଛଘୁଞ୍ଚା ଦେଉଛି, ତାହା ବୁଝାପଡୁନି ।

# ଚାକିରି ନାମରେ ୧୯ ଜଣଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ

**ଡାବୁଗାଁ/ ପାପଡାହାଣ୍ଡି, ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଂଚଳରେ ଚାଞ୍ଚଲ୍ୟ । ୧୯ ଜଣ ନିରୀହ ଆଦିବାସୀ ଯୁବକଙ୍କୁ ସିକ୍ୟୁରିଟି ଗାର୍ଡ ନିଯୁକ୍ତି ଦେବି କହି ଜଣେ ଦଲାଲ ଲକ୍ଷାଧିକ ଟଙ୍କା ଠକେଇ କରିଛି । ଏ ନେଇ ଠକାମୀର ଶିକାର ହୋଇଥିବା କିଛି ଯୁବକ ଡାବୁଗାଁ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଥାନାରେ ଅଭିଯୋଗ ଅନୁଯାଇ ପାପଡାହାଣ୍ଡି ବ୍ଲକ ପାତ୍ରି ପଞ୍ଚାୟତ ଅନ୍ତର୍ଗତ ଖରକିଆ ଗୁଡା ଗ୍ରାମର ପ୍ରଦୀପ କୁମାର ନାୟକ (୨୮) ଡାବୁଗାଁ ଥାନା ଅଞ୍ଚଳ ଜଟାବାଲ, କୋଡ଼ିଙ୍ଗା ଥାନା ଅଞ୍ଚଳ ସହ ଅନ୍ୟ ଅଞ୍ଚଳର ୧୯ ଜଣ ଆଦିବାସୀ ଯୁବକଙ୍କୁ ୨୦୨୪ ଅକ୍ଟୋବର ମାସରେ ମେଡିକାଲରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି କରାଇ ଦେବି କହିଥିଲେ ।




ଏଥି ପାଇଁ ସେ ଜଣକା ୩୦ ହଜାର ଟଙ୍କା ଦେବାକୁ କହିଥିଲେ । ପ୍ରଦୀପ ନାୟକ ଅଞ୍ଚଳର ଜଣେ ଜଣାଶୁଣା ଯୁବକ ହୋଇଥିବାରୁ ଚାକିରି ପାଇବା ଆଶାରେ ୧୯ ଜଣ ଯୁବକ ୩୦ ହଜାର ଟଙ୍କା ଲେଖାଏ ଦେଇଥିଲେ । ଗତ ଅକ୍ଟୋବର ମାସରେ ଯୁବକମାନଙ୍କୁ ବିଶ୍ୱାସ ଜନ୍ମାଇବା ପାଇଁ ପ୍ରଦୀପ ଭୁବନେଶ୍ୱରର ଏକ ଅଜଣା ସ୍ଥାନକୁ ନେଇ ଦସ୍ତଖତ କରାଇଥିଲେ । ମାତ୍ର ୧୫ ଦିନ ମଧ୍ୟରେ ସମସ୍ତେ ସିକ୍ୟୁରିଟି ଗାର୍ଡରେ ନିଯୁକ୍ତି ପାଇବ ବୋଲି କହିବା ପରେ ସମସ୍ତେ ଭୁବନେଶ୍ୱରରୁ ନବରଙ୍ଗପୁର ଫେରି ଆସିଥିଲେ । ତେବେ ଇତି ମଧ୍ୟରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଯୁବକ ମାନଙ୍କୁ କୌଣସି ନିଯୁକ୍ତି ପତ୍ର ନ ମିଳିବାରୁ ବାରମ୍ବାର ପ୍ରଦୀପ ନାୟକ କୁ ଅଭିଯୋଗ କରିଥିଲେ ।

# ଭୁବନେଶ୍ୱରର ଟ୍ରାଫିକ୍ ମୁକାବିଲା ପାଇଁ ଯୋଜନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି । ସହର ଚାରିପାଖରେ ୩ଟି ରିଙ୍ଗରୋଡ୍ ସହ ଦୁଇଟି ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ । ଏଥିସହ ଏଜି ଛକରେ ଏକ ଅଣ୍ଡରଗ୍ରାଉଣ୍ଡ ରାସ୍ତା ନିର୍ମାଣ ହେବ । ପାଖାପାଖି ୭ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଶେଷ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ସହରରେ ବଢୁଥିବା ଜନସଂଖ୍ୟାକୁ ନଜରରେ ରଖି ଆସନ୍ତା ୫୦ ବର୍ଷ ପାଇଁ ରୂପରେଖ ପ୍ରସ୍ତୁତ କରିଛନ୍ତି । ଭୁବନେଶ୍ୱରରୁ କଟକ ସଂଯୋଗ କରୁଥିବା ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତାକୁ ଏଲିଭେଟେଡ୍ କରିଡର କରାଯିବ । ତିନି ଥାକିଆ ହେବାକୁ ଥିବା ଏହି ରାସ୍ତାରେ ସବୁଠୁ ଉପରେ ମେଟ୍ରୋ ଟ୍ରାକ୍ ରହିବ । ତା' ତଳକୁ ଗାଡ଼ି ଚଳାଚଳ ପାଇଁ ଫ୍ଲାଏଓଭର ନିର୍ମାଣ ହେବ । ଆଉ ଫ୍ଲାଏଓଭର ତଳେ ରହିବ ରାସ୍ତା । ମେଟ୍ରୋ ପ୍ରକଳ୍ପ ଅଧୀନ ଜୟଦେବବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାକୁ ନେଇ ଏମିତି ଯୋଜନା ହୋଇଛି । ନୂଆ ପରିକଳ୍ପନା ଅନୁସାରେ ରାସ୍ତାଠାରୁ ପ୍ରାୟ ୮ ମିଟର ତଥା ୨୬.୨୪ ଫୁଟ୍ ଉପରେ ରହିବ ଫ୍ଲାଏଓଭର । ତା' ଉପରେ ନିର୍ମାଣ ହେବ ମେଟ୍ରୋ ଟ୍ରାକ୍ । ଅର୍ଥାତ୍ ମାଟିରୁ ୧୪ ମିଟର ତଥା ୪୬ ଫୁଟ୍ ଉପରେ ମେଟ୍ରୋ ଟ୍ରାକ୍ ରହିବ । ଫ୍ଲାଏଓଭର ୪ ନ ହେଲେ ୬ ଲେନ୍ ବିଶିଷ୍ଟ ହେବ । ଫଳରେ ତଳେ ଯେତିକି ଗାଡ଼ି ଚାଲିବ, ଉପରେ ମଧ୍ୟ ସେତିକି ଯିବ । ଯେଉଁଠି ବଡ଼ ବଡ଼ ଛକ ଅଛି ସେଠି ଏସ୍‌କେପ ଓ୍ୱେ ରହିବ । ଯେଉଁମାନେ ଉପରେ ଯାତାୟାତ କରୁଥିବେ ସେମାନେ ତଳକୁ ଓହ୍ଲାଇବାକୁ କୌଣସି ଅସୁବିଧା ହେବ ନାହିଁ । ୨୦୨୭-୨୮ ସୁଦ୍ଧା ଏହି ପ୍ରକଳ୍ପ ଶେଷ ହେବା ସହ ଭୁବନେଶ୍ୱରର ଲାଇଫ୍‌ଲାଇନ ପାଲଟିବ ବୋଲି ପୂର୍ତ୍ତ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହୁରି କହିଛନ୍ତି ଯେ ବର୍ତ୍ତମାନ ଜୟଦେବବିହାର-ନନ୍ଦନକାନନ ତଳ ରାସ୍ତା ସମ୍ପ୍ରସାରଣ କଲେ ବହୁତ ଲୋକଙ୍କୁ ରାସ୍ତାପାର୍ଶ୍ୱରୁ ହଟାଇବାକୁ ହେବ । ରାସ୍ତାପାର୍ଶ୍ୱରେ ଥିବା ହଜାର ହଜାର ଗଛ ମଧ୍ୟ କାଟିବାକୁ ପଡ଼ିବ । ତେଣୁ ଏହି କରିଡ଼ରର ଯୋଜନା ହୋଇଛି ।

# ରାଜପଥ ବିକାଶ ପାଇଁ କେରଳଠାରୁ ବି କମ୍ ପାଉଛି ଓଡ଼ିଶା

**ନୂଆଦିଲ୍ଲୀ,**

କମ୍ ଟଙ୍କା, ଧୀମା କାମ । ମିଳୁଥିବା କମ୍ ଟଙ୍କା ଶତ ପ୍ରତିଶତ ବି ଖର୍ଚ୍ଚ ହୋଇପାରୁନି । ବର୍ଷ ବର୍ଷ ଧରି ଚାଲୁଛି ଓଡ଼ିଶାରେ ଜାତୀୟ ରାଜପଥ ବିକାଶ । ଯେତେ ଅଭିଯୋଗ ହେଲେ ଶୁଣୁଛି କିଏ ? ଦେଖୁଛି କିଏ ? ପୂର୍ବ ଭାରତର ବିକାଶ ଇଞ୍ଜିନ ଓଡ଼ିଶା । ହେଲେ ଜାତୀୟ ରାଜପଥ ବିକାଶ ପାଇଁ କେରଳଠାରୁ କମ୍ ଟଙ୍କା ପାଉଛି ରାଜ୍ୟ । ୨୦୧୮-୧୯ରୁ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ଓଡ଼ିଶାକୁ ମିଳିଛି ମାତ୍ର ୧୭ ହଜାର ୨୯୬ କୋଟି ଟଙ୍କା । ଯେଉଁଠି କେରଳ ଭଳି ଛୋଟ ଆୟତନ ବିଶିଷ୍ଟ ରାଜ୍ୟ ପାଇଛି ୩୩ ହଜାର ୪୪୧ କୋଟି । ୭୯ ହଜାର ୧୭୩ କୋଟି ଟଙ୍କା ପାଇ ସବୁ



ରାଜ୍ୟଠୁ ଉପରେ ରହିଛି ଉତ୍ତରପ୍ରଦେଶ । ଓଡିଶାରେ ୧୪ଟି ରାଜପଥ ପ୍ରକଳ୍ପ କାମ ଆରମ୍ଭ ହୋଇନି ଓ ୨୦ଟି ଅଧପନ୍ତରିଆ ପଡ଼ିଥିବା ନେଇ ରାଜ୍ୟସଭାରେ ଉତ୍ତର ରଖିଥିଲେ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କରୀ । କେବେ ସରିବ କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ କାମ ? ୨୦୨୨ରେ ସରିଥାନ୍ତା ଡୁବୁରି-ଚଣ୍ଡିଖୋଲ ସମ୍ପ୍ରସାରଣ କାମ । ହେଲାନି, ଆଉ କେତେବର୍ଷ ଲାଗିବ ତାହା ବି ଜଣାନାହିଁ । ୧୫ ବର୍ଷ ଧରି ଝୁଲୁଛି ଉପକୂଳ ଜାତୀୟ ରାଜପଥ । ଚୂଡାନ୍ତ ହୋଇପାରୁନି କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ଟେଣ୍ଡର ପ୍ରକ୍ରିୟା । ରାଜପଥର ବିକାଶ ନ ହେଲେ କେମିତି ଓଡ଼ିଶାର ବିକାଶ ହେବ ବୋଲି ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ । କାମ ସରୁନି, କି କାମ କାହିଁକି ତ୍ୱରାନ୍ୱିତ ହେଉନି ତାକୁ ବି କେହି ତଦବିର କରୁନାହାନ୍ତି । କିପରି ଚାଲିଛି ଓଡ଼ିଶାରେ ଜାତୀୟ ରାଜପଥ କାମ ? ଗୋଟିଏ ପଟେ ବଜେଟ୍ କମ୍ ଦେଉଛନ୍ତି । ଅନ୍ୟପଟେ ଏ ବର୍ଷ ହେବ, ଏଲାଇନମେଣ୍ଟ୍ ଚାଲିଛି । କାମ ଆରମ୍ଭ ହେବ, ହେଉଛି ସରିବ । ଏମିତି କହି କହି ପ୍ରଶାସନମାନେ ଓଡ଼ିଶାର ଜାତୀୟ ରାଜପଥ ବିକାଶ ନାଁରେ ନୂଆ ନୂଆ ଭେଳିକି ଦେଖାଇ ଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଯେଉଁ ପ୍ରକଳ୍ପର କାମ ଚାଲିଛି ତାକୁ ବି ନିୟମିତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାଞ୍ଚ କରୁନାହାନ୍ତି । ଏଭଳିକି ଅତୀତରେ ନିମ୍ନମାନର କାମ ଯୋଗୁ ବହୁ ଦୁର୍ଘଟଣା ଘଟିଥିବା ନଜିର ସାମ୍ନାକୁ ଆସିଛି । ବଜେଟରେ ଯଦି ରାଜ୍ୟ ପାଇଁ କମ ଅର୍ଥ ବ୍ୟୟ ବରାଦ ହେବ ତା'ହେଲେ କାମ ତ୍ୱରାନ୍ୱିତ ହେବ କିପରି ବୋଲି ଉଠିଛି ପ୍ରଶ୍ନ ।

ପ୍ରଷ୍ଟାଙ୍କ

30 YEARS
ସମ୍ବାଦ କଳିକା

# ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି

ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି । ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି । ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ । ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି । ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି । ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି । ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ । ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି । ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି । ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି । ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି । ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି । ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି । କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି । ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍ । ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ୍ୟ କିଛି ଆଶଙ୍କା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

# ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ସ୍ୱୀକୃତିରେ କବିଚନ୍ଦ୍ର କାଳୀଚରଣଙ୍କ ଅବଦାନ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ପ୍ରତିଟି ସଫଳତା ପାଇଁ ଲୋଡ଼ା ସଂଘର୍ଷ । ସଂଘର୍ଷ ବାଟ କଢ଼େଇ ନିଏ, ବୁଦ୍ଧି ଦିଏ । ଉପାୟମାନ ଆପେ ଆପେ ଧରା ଦିଅନ୍ତି । ଆସେ ପ୍ରତୀକ୍ଷିତ ମୁହୂର୍ତ୍ତଟି । ମନସ୍କାମନା ପୂର୍ଣ୍ଣ ହୁଏ । ଲକ୍ଷ୍ୟ ହାସଲ ହୁଏ । ସେଇଥିପାଇଁ, ସଂଘର୍ଷ ନାହିଁ ତ ଜୀବନ କାହିଁ? ପ୍ରତିଟି ପ୍ରଥିତ ଯଶା, ତାଙ୍କ ଜୀବନରେ ଆସେ ଘାତ ପ୍ରତିଘାତ, ନାନାଦି କଷଣ ସହିବାକୁ ହୁଏ । କ୍ରମେ ସବୁ ଟଳିଯାଏ । ଏମିତି ଜଣେ କଳାକାର, କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ତାଙ୍କର ସଂଘର୍ଷମୟ ଜୀବନ । କେତେ କେତେ ଉଠ ପଡ଼, ସଫଳତା, ବିଫଳତା । ସେ ଧୈର୍ଯ୍ୟ ହାରି ନାହାନ୍ତି । ଓଡ଼ିଆ କଳା, ସାହିତ୍ୟ, ସଂସ୍କୃତି ଜଗତକୁ ଋଦ୍ଧିମନ୍ତ କରିଛନ୍ତି । ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବ, ଏଥିପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । ଆପଣାର ଲୋକେ ବିରୋଧ କରିଛନ୍ତି, ହତୋତ୍ସାହ ହେଇ ନାହାନ୍ତି କଳାକାର । ସହଯୋଗର ହାତ ଲମ୍ବି ଆସିଛି । ଶେଷରେ କେନ୍ଦ୍ର ସଂଗୀତ ନାଟକ ଅକାଦମୀ, ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ସ୍ୱୀକୃତି ଦେଇଛି । କାଳୀଚରଣଙ୍କ ସାଧୁ ଉଦ୍ୟମ ସଫଳ ହୋଇଛି ।

ଶାସ୍ତ୍ରୀୟ ଅର୍ଥାତ୍ ଶାସ୍ତ୍ର କଥିତ ବା ସମ୍ମତ । ଏହା ଶାସ୍ତ୍ର ବିହିତ । ଶାସ୍ତ୍ର ସ୍ୱୀକୃତ ସଂଗୀତ ହିଁ ପ୍ରାଚୀନ ସଂଗୀତ । ଯଥା- ଓଡ଼ିଶୀ, ଭାରତନାଟ୍ୟମ୍ । ଭାଷା, ସଙ୍ଗୀତ, ନାଟକ - ଶାସ୍ତ୍ରୀୟ ମାନ୍ୟତା ପାଏ । ଏହାର ଗରିମା ବଢ଼େ । ଜାତିର ଯଶ କୀର୍ତ୍ତି ଚୌଦିଗକୁ ପ୍ରସରୀ ଯାଏ । ଶାସ୍ତ୍ରୀୟ ମାନ୍ୟତା ଆପେ ମିଳି ଯାଏନି । ଏଥି ପାଇଁ ଆବଶ୍ୟକ ଯଥା ବିଧି ତାତ୍ତ୍ୱିକ ପ୍ରମାଣ । ପ୍ରାଚୀନ ପୋଥି, ପୁରାଣ, ଗବେଷଣା ଲବ୍ଧଜ୍ଞାନ । ଏସବୁ ସହାୟକ ହୁଏ ଦାବି ଉପସ୍ଥାପନ ପାଇଁ । କାଳୀଚରଣ ତ ଓଡ଼ିଶୀ ସଙ୍ଗୀତ, ନୃତ୍ୟ ବିଶାରଦ । ୧୯୫୮ ସାଲ, ମାର୍ଚ୍ଚ ୩୧ରୁ ଅପ୍ରେଲ ୬ ତାରିଖ, ଦିଲ୍ଲୀରେ ଆୟୋଜିତ ହେଲା ନୃତ୍ୟ ସମାରୋହ । ତା ୪/୦୪/୧୯୫୮ ରିଖ, କାଳୀଚରଣ ସେଠାରେ ପାଠକଲେ ଓଡ଼ିଶୀ ନୃତ୍ୟ ସମ୍ବନ୍ଧୀୟ ତାତ୍ତ୍ୱିକ ପ୍ରବନ୍ଧଟେ । ଠା ଠା ଡେମୋନଷ୍ଟ୍ରେସନ୍ ଦିଆଗଲା । ମାତ୍ର କେଇଜଣ ନାଁକରା ଓଡ଼ିଆ କଳାକାର, ପ୍ରୋଗ୍ରାମଟି କରେଇ ଦେବେନି । ସେମାନେ କୁଆଡ଼େ ମନ୍ଦ ବୁଦ୍ଧି ଖଞ୍ଜିଲେ । ତାଙ୍କ ଉଦ୍ୟମ ପଣ୍ଡ ହେଲା । ଡ. ନୃସିଂହଚରଣ ସାମନ୍ତ ସିଂହାର, ତତ୍କାଳୀନ ଏମ୍.ପି., ଲେଖିଲେ ପୁସ୍ତିକାଟେ । ଶିରୋନାମା ରଖିଲେ 'ମୋ କାଳୀଭାଇ' । ୧୯୭୦ ସାଲ, କାଳୀଚରଣଙ୍କ ଜୟନ୍ତୀ, ବହିଟି ଆତ୍ମପ୍ରକାଶ କଲା । ସନ୍ଦର୍ଭ ପାଠ, ଏନେଇ ଦିଲ୍ଲୀରେ ଘଟିଥିଲା ଅଭାବନୀୟ ଘଟଣାଟେ । ଏହାର ସାକ୍ଷୀ ସେଇ ପୁସ୍ତିକା 'ମୋ କାଳୀଭାଇ' ।

ସେଦିନର କଥା । ଦିଲ୍ଲୀର ପ୍ରଶସ୍ତ ବିଜ୍ଞାନ ଭବନ । ସୁପ୍ରସିଦ୍ଧ ସଙ୍ଗୀତ ବିଶାରଦମାନେ ଉପସ୍ଥିତ । ସେମାନଙ୍କ ଆଗରେ ସନ୍ଦର୍ଭ ପାଠ, ଡିମନ୍‌ଷ୍ଟ୍ରେସନ୍ । ସହଯୋଗୀଏ, କିଏ କେଉଁଠି ବସିବେ, କାହାର କାମ କ'ଣ ସବୁ ସ୍ଥିର ହେବ । କାଳୀଚରଣ ବି ଟିକେ ଶଙ୍କିତ । ଏତେ ବଡ଼ ବିଦ୍ୱାନ ମଣ୍ଡଳୀ, ତାଙ୍କ ଆଗରେ ଠିଆ ହେବାକୁ ହେବ, କେମିତି ପଢ଼ିବେ? ୪ ତାରିଖ ସକାଳ ୧୦ଟା ସୁଦ୍ଧା ଏ ସମସ୍ତର ବ୍ୟବସ୍ଥା କରାଯିବ । କାଳୀଚରଣ, ତାଙ୍କ ସାଥୀଏ, ଆଗରୁ ଯାଇ ପ୍ରସ୍ତୁତ ହେଲେ । ସଂଗୀତ ନାଟକ ଅକାଦମୀର ସମ୍ପାଦିକା ଶ୍ରୀମତୀ ନିର୍ମଳା ଯୋଷୀ । ତାଙ୍କୁ କାଳୀଚରଣ ଭେଟିଲେ । ଫେରିଲେ ମନମରା ହୋଇ । ମୁହଁଟି ଶୁଖି ଯାଇଛି । ଯୋଷୀ ସିଧା କହିଦେଲେ । ସନ୍ଦର୍ଭଟି ୫ ତାରିଖରେ ଅବା ତା' ପରେ ପଢ଼ାଯିବ, ୪ ତାରିଖରେ ନୁହେଁ । କଟକ ଫେରିଆସିବାର ସିଦ୍ଧାନ୍ତ ହେଇଗଲା । ଏମ୍.ପି. ଡା. ନୃସିଂହ ଚରଣ ସାମନ୍ତ ସିଂହାର, ରାଗରେ ନିଆଁବାଣ ହେଇଗଲେ । ସଂଗୀତ ନାଟକ ଅକାଦମୀ, ସର୍ବଭାରତୀୟ ସ୍ତରର ପ୍ରତିଷ୍ଠିତ ଅନୁଷ୍ଠାନଟେ । ୩/୪ ମାସ ଆଗରୁ ପ୍ରୋଗ୍ରାମ ସ୍ଥିର । ଅତିଥିଙ୍କୁ ଆମନ୍ତ୍ରଣ କରାଗଲା, ବହୁ ଅର୍ଥ ବ୍ୟୟ ହେଲା । କାନକୁହା କଥା ଚାଲିଲା? ପ୍ରୋଗାମ୍ ଭଣ୍ଡୁର ହେବ । ଏମ୍.ପି. ମହାଶୟ ଉପାୟ କାଢ଼ିଲେ । ନିତ୍ୟାନନ୍ଦ କାନୁନ୍‌ଗୋ ସଂଗୀତ ନାଟକ ଅକାଦମୀର ବିଶିଷ୍ଟ ସଦସ୍ୟ । ସେ କେନ୍ଦ୍ରମନ୍ତ୍ରୀ । ଅକାଦମୀର ଏକମାତ୍ର ଓଡ଼ିଆ ସଦସ୍ୟ । ବହୁ ପ୍ରତିପତ୍ତି ତାଙ୍କର । କଳାହାଣ୍ଡିର ମହାରାଜା ଶ୍ରୀ ପି.କେ. ଦେଓ; ଶ୍ରଦ୍ଧାକର ସୂପକାର, ଉମାଚରଣ ପଟ୍ଟନାୟକ, ଆସାମର ବଡୁଆ, ବସୁମାତାରୀ, ଭଗବତୀ, ଆନ୍ଧ୍ରର ଡାକ୍ତର ମାଲଖୋଟେ, ଲକ୍ଷ୍ମୀବାଈ ପ୍ରଭୃତି ଏମ୍.ପି. । ଏତଦ୍‌ଭିନ୍ନ ଡାକ୍ତର ଫାବ୍ରୀ, ଇନ୍ଦ୍ରାଣୀ, ରଘୁମଣି ପଟ୍ଟନାୟକ - ସମସ୍ତଙ୍କ ସହ ଆଲୋଚନା ହେଲା । ସେତେବେଳେ ଅକାଦମୀର ସଭାପତି ରାଜମନ୍ନାର । ସେ ଅନୁପସ୍ଥିତ ଥାଆନ୍ତି । ଉପସଭାପତି କମଳା ଦେବୀ ଚଟ୍ଟୋପାଧ୍ୟାୟ, ତାଙ୍କ ସହ ବି ସାକ୍ଷାତ ଆଲୋଚନା ହେଲା । ମାତ୍ର ସେ ସାହାଯ୍ୟ କରିପାରିବେନି । ରୋକ୍‌ଠୋକ୍ କହିଦେଲେ । ପାର୍ଲିଆମେଂଟ ଲବିରେ ବିଭାଗୀୟ ମନ୍ତ୍ରୀ ହୁମାୟୁନ କବିର । ତାଙ୍କୁ ଦାବି ପତ୍ର ଦିଆଗଲା । ପ୍ରତିକାର ପାଇଁ ନିବେଦନ ରଖାଗଲା । ଫଳ ନ ମିଳିଲେ ପାର୍ଲିଆମେଂଟରେ ମୁଲତବୀ ପ୍ରସ୍ତାବ ଆସିବ - ଏ କଥାଟି ଏମ୍.ପି. ନୃସିଂହ ଚରଣ ଦାବିପତ୍ରରେ ଲେଖିଥିଲେ । ତତ୍ ସହିତ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ବି ଦିଆଯିବ । ତାହା ବି ଉଲ୍ଲେଖ ଥିଲା । ଆଲୋଚନା ବେଳେ ଏହି ପ୍ରସଙ୍ଗ ଉଠିଲା । କ୍ରମେ କାଳୀଚରଣଙ୍କ ଆଡ଼େ ଅନୁକୂଳ ପବନ ବହିଲା ।

ନୃସିଂହ ବାବୁ ଅନୁପସ୍ଥିତ । ଆସିଲେ ନିର୍ମଳା ଯୋଷୀ, କାଳୀଚରଣଙ୍କୁ ସାଥିରେ ନେଇଗଲେ । ସମାଧାନ ପାଇଁ ପ୍ରସ୍ତାବ ରଖିଲେ; କାଳୀଚରଣ ମଙ୍ଗିଲେନି । ନିର୍ମଳା ଯୋଷୀ ଏମ୍.ପି. ନୃସିଂହ ବାବୁଙ୍କୁ ବହୁତ ଫୁସୁଲାଇଲେ । କାଳୀଚରଣ ନିଶ୍ଚୟ ସନ୍ଦର୍ଭ ପଢ଼ିବେ, ଡିମୋନ୍‌ଷ୍ଟ୍ରେସନ୍ ଦିଆଯିବ । ନଚେତ୍ ଯାହା ହବାର ହେବ । ଏମିତି ଜିଦ୍ ଧରିଲେ ଏମ୍.ପି. ନୃସିଂହ ବାବୁ । ସେଇଦିନ ସନ୍ଧ୍ୟା, ସଙ୍ଗୀତ ନାଟକ ଆକାଦମୀର କାର୍ଯ୍ୟକାରୀ କମିଟି ବୈଠକ ବସିଲା । କାଳୀଚରଣ ଠିକେ ଠିକେ ସନ୍ଦର୍ଭ ପଢ଼ିବେ, ଡିମନ୍‌ଷ୍ଟ୍ରେସନ୍ ବନ୍ଦ ହେବ । ଏ ପ୍ରକାର ନିଷ୍ପତ୍ତି ହେଲା । କାଳୀଚରଣଙ୍କୁ ବି ଜଣାଇ ଦିଆଗଲା । ଏହା ସନ୍ତୋଷଜନକ ନଥିଲା । ବିଚାର ବିମର୍ଷ ଚାଲିଲା । କୁମାରୀ ଜୟନ୍ତୀ ନନ୍ଦୀ, ତାଙ୍କୁ ବେଶ କରାଇ ନିଆଯିବ, ଡିମନ୍‌ଷ୍ଟ୍ରେସନ୍ ପାଇଁ ଦର୍ଶକ ମଂଚରୁ ଦାବି ହେବ । ଏ ପ୍ରକାର ଯୋଜନା ହେଲା । ଏଥିପାଇଁ କଳାକାରଙ୍କ ସମର୍ଥନ ଯୋଗାଡ଼ ଆରମ୍ଭ ହେଇଗଲା ।

ତା' ପରଦିନ । ବାଳିକାଟି ସୁସଜ୍ଜିତା । ରୂପ କିଛି କମ୍ ନୁହେଁ । ଦିଲ୍ଲୀ ବିଜୟଚୌକ । ସେଇ ବାଟ ଦେଇ ଚାଲିଚାଲି ସମସ୍ତେ ଗଲେ । ଦେଖଣାହାରୀଏ ଚାହୁଁଥାଆନ୍ତି । ଏତେ ସୁନ୍ଦରୀ ଓଡ଼ିଶୀ ନର୍ତ୍ତକୀ । ସମସ୍ତଙ୍କ ଉତ୍ସୁକତା ବଢ଼ିଲା । ବିଜ୍ଞାନ ଭବନରେ ଦର୍ଶକ ସଂଖ୍ୟା ବଢ଼ିଲା । ଦୁଇ ତିନିଶହ ଲୋକ ହେଇଗଲେ । ଇନ୍ଦ୍ରାଣୀ, ଫାବ୍ରୀ - ଉଭୟ ନୃତ୍ୟ ନିପୁଣା, ପ୍ରାଣପଣେ ଚେଷ୍ଟା କଲେ । ଦର୍ଶକଙ୍କ ସମର୍ଥନ ମିଳିଲା । ଡିମନ୍‌ଷ୍ଟ୍ରେସନ୍ ପାଇଁ ଦର୍ଶକ ଅଡ଼ିବସିଲେ । ତାହା ହେଲା । ବାଳିକାଟି ଡିମନ୍‌ଷ୍ଟ୍ରେସନ୍ ଦେଲା । କାଳୀଚରଣ ମଧ୍ୟ ଓଡ଼ିଶୀ ନୃତ୍ୟର ତାତ୍ତ୍ୱିକ ଅନୁଶୀଳନ ପ୍ରବନ୍ଧଟି ପାଠ କଲେ । ମାତ୍ର ଅଧଘଂଟା ସମୟ ଦିଆଯାଇଥାଏ । ଦୀର୍ଘ ତିନିଘଣ୍ଟା ୩୫ ମିନିଟ୍ ଚାଲିଲା ସନ୍ଦର୍ଭ ପାଠ । ସବୁ ସମ୍ପୂର୍ଣ୍ଣ ହେଲା । ଓଡ଼ିଶୀ ନୃତ୍ୟ ଏକ ଶାସ୍ତ୍ରୀୟ ନୃତ୍ୟ - ବିଚାରକ ମଣ୍ଡଳୀ ଏହି ମତ ରଖିଲେ । ଇନ୍ଦ୍ରାଣୀ ଆନନ୍ଦିତ ହେଲେ । ଖୁସିରେ କାଳୀଚରଣଙ୍କ ଗଳାରେ ଫୁଲମାଳଟେ ଲମ୍ବାଇଦେଲେ । ୭ ତାରିଖ ସନ୍ଧ୍ୟା । ବିଜ୍ଞାନ ଭବନ ସଫଳତା କଳାକାରଙ୍କୁ ଉତ୍ସାହିତ କଲା । ସେଇ ଖୁସିରେ ଆଉ ଏକ ଓଡ଼ିଶୀ ନୃତ୍ୟ ପରିବେଷିତ ହେଲା । ତାଳକଟାରା ମୁକ୍ତ ରଂଗମଂଚ । ସେଇଠି ପ୍ରଦର୍ଶିତ ହେଲା ଓଡ଼ିଶୀ ନୃତ୍ୟ । ଦିଲ୍ଲୀର ଓଡ଼ିଆ ଆଉ ଓଡ଼ିଶୀ ପ୍ରେମୀଏ । ସମସ୍ତଙ୍କର ମହା ଆନନ୍ଦ । ଇନ୍ଦ୍ରାଣୀ ନୃତ୍ୟ ଦେଖାଉ ଥାଆନ୍ତି । ବିଶିଷ୍ଟ ଦର୍ଶକଙ୍କ ମଧ୍ୟରେ ମରହଟ୍ଟୀ ଲେଖକ ମାମା ୱାରେର୍ କାର ତାଙ୍କ ସହ ଏମ୍.ଏସ୍. ଆବେ । ନୃତ୍ୟ ଶେଷ ହେଲା । ମନ୍ତ୍ରୀ କବିର କାଳୀଚରଣଙ୍କୁ ସମ୍ବର୍ଦ୍ଧିତ କଲେ । ଭାରତୀୟ ନୃତ୍ୟ କଳାରେ ଓଡ଼ିଶୀ ନୃତ୍ୟର ଏ ସଂବୃଦ୍ଧି ସଂଯୋଗ । ଏଥି ପାଇଁ କାଳୀଚରଣଙ୍କ ଦାନ ଅତୁଳନୀୟ । ସମ୍ବର୍ଦ୍ଧନାରେ କବିର ଏଇ କଥା ଉଲ୍ଲେଖ କଲେ । କିନ୍ତୁ ଓଡ଼ିଶୀ ଉପରୁ ବିପଦ ସମ୍ପୂର୍ଣ୍ଣ ଟଳିଲାନି ।

କେନ୍ଦ୍ର ସଂଗୀତ ନାଟକ ଅକାଦମୀ । ଏହାର କାର୍ଯ୍ୟକାରୀ ସମିତି ବସିଲା । ଓଡ଼ିଶା ପ୍ରତିନିଧି ପ୍ରତିକୂଳ ମତ ରଖିଲେ । ଓଡ଼ିଶୀ ନୃତ୍ୟକୁ ତରତରରେ ଶାସ୍ତ୍ରୀୟ ମାନ୍ୟତା ଦିଆ ନ ଯାଉ । ଏଇ ବିପରୀତ ମତଟି ଦେଲେ । ସେୟା ହେଲା । ଓଡ଼ିଶୀ ନୃତ୍ୟ ପାରମ୍ପରିକ ନୃତ୍ୟ (ଟ୍ରାଡ଼ିସନାଲ ଡ୍ୟାନ୍‌ସ) ଭାବେ ଗୃହୀତ ହେଲା । କାଳୀଚରଣ ମନମରା । ମାତ୍ର କୁହୁଡ଼ି କ୍ଷଣକ ପାଇଁ ଆସେ, ଝଲକାଏ ସୂର୍ଯ୍ୟକିରଣ । ବାସ୍ ସବୁ ସଫା ସୁତୁରା । କାଳୀଚରଣଙ୍କୁ ତାହା ଜଣାଥିଲା । ଓଡ଼ିଶୀ ନୃତ୍ୟର କଳାବିଭବ; ତାହା ହିଁ ଶାସ୍ତ୍ରୀୟ ମାନ୍ୟତା ଦେବ । ଏଇଟି ତାଙ୍କର ଦୃଢ଼ ବିଶ୍ୱାସ । ୧୯୫୯ ମସିହା, ବଜେଟ୍ ଆଲୋଚନା ଚାଲିଥାଏ । ବିଜ୍ଞାନ ଗବେଷଣା, ଓଡ଼ିଶୀ ନୃତ୍ୟ - ଏ ଦିଗରେ ଖର୍ଚ୍ଚ ଦାବି ଉପସ୍ଥାପିତ ହେଲା । ମହାରାଜା କଳାହାଣ୍ଡି, ଚିନ୍ତାମଣି ପାଣିଗ୍ରାହୀ, ନୃସିଂହ ଚରଣ, ଏମାନେ ଆଲୋଚନାରେ ଅଂଶଗ୍ରହଣ କଲେ । ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବ । ଦୁଇବର୍ଷ ଆଗରୁ ଏ ଦାବି ହେଇ ଆସୁଛି । ସଂସ୍କୃତି ବିଭାଗ ଉଦାସୀନ ରହୁଛି । ଏ ପ୍ରସଙ୍ଗ ଉଠାଇଲେ ସାଂସଦ ଚିନ୍ତାମଣି ପାଣିଗ୍ରାହୀ । ଯେଉଁମାନେ ଓଡ଼ିଶୀ ନୃତ୍ୟରେ ଆଗ୍ରହୀ, ଯେଉଁମାନେ ଏ ଦିଗରେ ଦକ୍ଷ, ସେମାନେ କମିଟିରେ ରହନ୍ତୁ । କମିଟିରେ ଜଣେ ମାତ୍ର ଓଡ଼ିଆ ପ୍ରତିନିଧି, ମନ୍ତ୍ରୀ କାନୁନ୍‌ଗୋ । ଚେହେରାରେ କଳା ପୂର୍ଣ୍ଣ; ମାତ୍ର ଓଡ଼ିଶୀ ନୃତ୍ୟର ସେ ଧାର୍ ଧାରନ୍ତିନି । ସେ କେବେ ଓଡ଼ିଶୀ ତତ୍ତ୍ୱ ଅଧ୍ୟୟନ କରି ନାହାନ୍ତି । ଏ ସମ୍ପର୍କରେ ତାଙ୍କରି କୌଣସି ଜ୍ଞାନ ନାହିଁ । ସାଂସଦ ଏ ପ୍ରସଙ୍ଗ ବି ଉଠାଇଲେ ।

ଓଡ଼ିଶୀ ଅଙ୍ଗପ୍ରତ୍ୟଙ୍ଗରେ ଲଳିତ କଳା ଭଙ୍ଗୀ, ତାହା ଶାସ୍ତ୍ରୀୟ ନୃତ୍ୟର ବିଶିଷ୍ଟ ଅଂଶ । ମନ୍ଦିର ମାନଙ୍କରେ ଦେବଦାସୀ, ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରନ୍ତି । କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବନେଶ୍ୱର ରାଜାରାଣୀ ମନ୍ଦିର, ଅନ୍ୟାନ୍ୟ ମନ୍ଦିର ଗାତ୍ର, ସବୁଠି ଓଡ଼ିଶୀ ନୃତ୍ୟଭଙ୍ଗୀ ଚିତ୍ର ପ୍ରଦର୍ଶିତ । ତାଳପତ୍ର ଖେଦାମାନଙ୍କରେ ନାନାଦି ତଥ୍ୟ ବି ଲିପିବଦ୍ଧ । ଏ ସମସ୍ତ ଛପା ହେବା ବାଂଛନୀୟ । ଏ ସମ୍ପର୍କିତ ଚାରୋଟି ତାଳପତ୍ର ଖେଦା - (୧) ସଂଗୀତ ନାରାୟଣ, (୨) ଅଭିନୟ ଚନ୍ଦ୍ରିକା, (୩) ନାଟ୍ୟ ମନୋରମା, (୪) ସଙ୍ଗୀତ ଅଭିନୟ ଦର୍ପଣ । ସବୁଗୁଡ଼ିକ ଅତି ଉପାଦେୟ । ଶେଷ ଗ୍ରନ୍ଥଟି ସଂସ୍କୃତ ଶ୍ଳୋକସହ ଓଡ଼ିଆ ଟୀକାଯୁକ୍ତ । କବିଚନ୍ଦ୍ର ନାଟ୍ୟାଚାର୍ଯ୍ୟ କାଳୀଚରଣ, ଓଡ଼ିଶୀ ନୃତ୍ୟ ଗବେଷଣାରେ ପାରଙ୍ଗମ । ଭାରତ ସୁନ୍ଦରୀ ଇନ୍ଦ୍ରାଣୀ ରହମାନ୍, ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି । ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଶୀର ଆନ୍ତର୍ଜାତିକ ଖ୍ୟାତି ବଢ଼ିଛି । ଏହି ସମସ୍ତ ତଥ୍ୟ ଓଡ଼ିଆ ସାଂସଦମାନେ ପ୍ରଦାନ କଲେ । ଗତ ସନର ନୃତ୍ୟ ସମାରୋହ, ସେଥିରେ ଯେଉଁ ଚକ୍ରାନ୍ତ ଚାଲିଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କ୍ଷୁଦ୍ର ମନୋବୃତ୍ତି, ସଂକୀର୍ଣ୍ଣ ପ୍ରାଦେଶିକତା ଅତି ନିନ୍ଦନୀୟ । କାଳୀଚରଣଙ୍କ ଦ୍ୱାରା ସଂଗୃହୀତ ପୋଥିସମୂହ, ସେଗୁଡ଼ିକ ଲୋକ ଲୋଚନକୁ ଅଣାଯାଉ । ଏସବୁ ଉପରେ ସାଂସଦମାନେ ଜୋର୍ ଦେଲେ । ମନ୍ତ୍ରୀ ହୁମାୟୁନ କବିର । ନିଜର ମତ ରଖିଲେ । କେନ୍ଦ୍ର ସଂଗୀତ ନାଟକ ଅକାଦମୀ । ଓଡ଼ିଶୀ ନୃତ୍ୟକୁ ସ୍ୱୀକୃତି ଦେଇଛନ୍ତି । ଏହା ଏକ ପାରମ୍ପରିକ ନୃତ୍ୟ । ମାତ୍ର ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଏକ ଜଟିଳ ବ୍ୟାପାର । ମନ୍ତ୍ରୀ ନିଜେ ଅନଭିଜ୍ଞ, ସେ ଓଡ଼ିଶୀ ନୃତ୍ୟର ଧାର ଧାରନ୍ତିନି । ଏଇ ବିବୃତି ବି ରଖାଗଲା । ଶେଷରେ ସିଦ୍ଧାନ୍ତ ପାଇଁ ସ୍ୱତନ୍ତ୍ର କମିଟିକୁ ପଠାଇ ଦିଆଗଲା ।

ଓଡ଼ିଶୀ ନୃତ୍ୟପ୍ରେମୀ ସାଂସଦ, କାଳୀଚରଣଙ୍କ ଅକୁଣ୍ଠ ଶ୍ରମ, ଈଶ୍ୱରଙ୍କ ଆଶୀର୍ବାଦ । ଶେଷରେ ଫଳବତୀ ହେଲା, ଓଡ଼ିଶୀ ଏକ ଶାସ୍ତ୍ରୀୟ ନୃତ୍ୟ । ସଙ୍ଗୀତ ନାଟକ ଅକାଦମୀ ଏଇ ସ୍ୱୀକୃତି ଦେଲା । କାଳୀଚରଣଙ୍କ ମନୋବାଂଛା ପୂର୍ଣ୍ଣ ହେଲା । ଓଡ଼ିଆ ଜାତି ପାଇଁ ଏଇଟି ଏକ ବିରାଟ କୀର୍ତ୍ତି । ମାତ୍ର ଏତିକି ଯଥେଷ୍ଟ ନଥିଲା । ଓଡ଼ିଶୀ ନୃତ୍ୟକୁ ଯାହା ସାହାଯ୍ୟ ମିଳିବା କଥା, ମିଳିଲାନି । ଅନ୍ୟାନ୍ୟ ଶାସ୍ତ୍ରୀୟ ନୃତ୍ୟ କଥା ଅଲଗା । ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା । ଓଡ଼ିଶୀ ଏଥିରୁ ବଂଚିତ ଥିଲା । ଓଡ଼ିଶୀ ସଂଗୀତ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହେବ । ଏ ଦିଗରେ କାଳୀଚରଣ ଯତ୍ନନେବେ । ସମସ୍ତେ ଏଇ ଆଶାଟି ପୋଷଣ କଲେ । ଓଡ଼ିଶା ରାଜ୍ୟ ସରକାର, ନିଜ ସଂସ୍କୃତି ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଉଚିତ । ଜାତି ହିତୈଷୀ ସାଂସଦମାନେ ଏ ପ୍ରକାର ଉପାଦେୟ ମତ ସେଦିନ ପୋଷଣ କରିଥିଲେ ।

ତ ।

୦୭.୦୪.୧୯୫୮ ରିଖ । ଷ୍ଟେଟ୍‌ସମ୍ୟାନ୍ ପତ୍ରିକାରେ ମତଟିଏ ପ୍ରକାଶ ପାଇଲା । ସନ୍ଦର୍ଭ ପାଠ କରିବା ଦିନ କଥା । ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ ନୃତ୍ୟସଙ୍ଗୀତ ବିଦ୍ୱାନ୍‌ମାନେ । ଭାରତନାଟ୍ୟମ୍, କଥାକାଳୀ, ମଣିପୁରୀ, କୁଚ୍‌ପୁଡୀ ନୃତ୍ୟ ନିପୁଣମାନେ । ସେମାନେ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ବୋଲି ସ୍ୱୀକାର କଲେ । ପତ୍ରିକାରେ ଏଇ ମତଟି ପ୍ରକାଶ ପାଇଥିଲା । ତା ୦୭.୦୪.୧୯୫୮ ରିଖ । ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରମୁଖ ତିନି ଚାରିଜଣ ବିଜ୍ଞାନ ଭବନରେ ବସିଲେ । ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ମାନ୍ୟତା ଦେବା ନ ଦେବା - ଏନେଇ ବୈଠକ ବସିଲା । ବୈଠକରେ ଥିଲେ ଶ୍ରୀମତୀ ମୃଦୁଳା ସରାଭାଇ, ଶ୍ରୀ ମୋହନ ଖୋକର, ଶ୍ରୀ ଅନିଲ ଦେ ପ୍ରମୁଖ ନୃତ୍ୟ-ସଙ୍ଗୀତ-ବିଦ୍ୱାନ୍ । ସେମାନେ ଓଡ଼ିଶୀର ଶାସ୍ତ୍ରୀୟ ମାନ୍ୟତା ସପକ୍ଷରେ ଦୃଢ଼ମତ ପୋଷଣ କଲେ । ଅନ୍ୟ ପକ୍ଷରେ ନିତ୍ୟାନନ୍ଦ କାନୁନ୍‌ଗୋ, ତାଙ୍କ ସହ ଆଉ ତିନିଜଣ, ଓଡ଼ିଶୀକୁ ପାରମ୍ପରିକ ନୃତ୍ୟ କହିଲେ । ଉପସ୍ଥିତ ନୃତ୍ୟ-ସଙ୍ଗୀତ-ପ୍ରବୀଣମାନେ କଥାଟିକୁ ନାପସନ୍ଦ କଲେ । ଓଡ଼ିଆ ସାଂସଦମାନେ ଏଥିରେ ଖୁବ୍ କ୍ଷୁବ୍ଧ ହେଲେ । ଶେଷରେ ସତ୍ୟର ଜୟ ହେଲା ।

ବଡ଼ ବିଚିତ୍ର ଏ ରାଜନୀତି । କ୍ଷମତା, ଅର୍ଥ, ପଦପଦବୀ, ଥାନା କଚେରି - ସବୁ ଆଡ଼େ ରାଜନୀତି । ଶେଷରେ କଳା ସଂସ୍କୃତି କ୍ଷେତ୍ରରେ ବି ରାଜନୀତି ପଶିଲା । ଗୋଡ଼ ଟଣା ନୀତି ଆରମ୍ଭ ହେଲା । କଥାଟିଏ ଅଛି । ଗଛ କହୁଛି କୁରାଢ଼ୀକି 'ତୋରି ଭାଇ ତୋତେ ହାଣୁଛି ।' ଭାଷା-ସାହିତ୍ୟ-ସଂସ୍କୃତି ଗୋଟେ ଜାତିର ମହିମାମୟ ସ୍ୱର୍ଣ୍ଣିମ ଇତିହାସ, ଜାତୀୟତା ବାଦର ପ୍ରତୀକ । ଏଥିରେ ସମସ୍ତେ ଆର୍ଦ୍ର ହେବା ବିଧେୟ । ନଚେତ କାଳ କ୍ଷମା ଦେବନି । ଅପଯଶ ଯାହା ଲେଖିହେଇ ଯିବ କାଳ କପାଳରେ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ । ସଚ୍ଚା ଓଡ଼ିଶୀ ନୃତ୍ୟପ୍ରେମୀ, ଲଢ଼ିଲେ । ଶେଷରେ 'ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟ' ସ୍ୱୀକୃତି ପାଇଲା, ଶିକ୍ଷା, ରିସର୍ଚ୍ଚ ପାଇଁ ବୃତ୍ତି ବ୍ୟବସ୍ଥା ହେଲା । ସତରେ ! କାଳୀଚରଣ ଜଣେ ମହାନ୍ କଳାକାର, ଓଡ଼ିଆ ଜାତିର ଚିରନମସ୍ୟ ।

ଅନୁଜ ବେହେରା

# ସନାତନ ଧର୍ମ ଯାହାର ଆଦି ନାହିଁ କି ଅନ୍ତ ନାହିଁ

ଧର୍ମ ...ସନାତନ ଧର୍ମର ପୂର୍ଣ୍ଣ ଆକ୍ଷରିକ ଅର୍ଥ ବୁଝିବା ପୂର୍ବରୁ ଆମକୁ ପ୍ରଥମେ ବୁଝିବାକୁ ହେବା ଧର୍ମ କ'ଣ ? ଏମିତିତ ଏ ଧରାପୃଷ୍ଠରେ ଅନେକ ପ୍ରକାର ଭିନ୍ନାଭିନ୍ନ ଧର୍ମର ଢେର ବିସ୍ତାର ବିଶ୍ୱାସ ଓ ଭଲପାଇବା ଅଛି । ତଥାପି ଧର୍ମର ବାସ୍ତବିକ ଓ ପ୍ରାରମ୍ଭ ବିଷୟରେ ଆମ୍ଭକୁ ଜ୍ଞାତ ହେବାର ବିଶେଷ ଆବଶ୍ୟକତା ରହିଛି । ମୌଳିକଭାବେ ଦୟା କ୍ଷମା ଶାନ୍ତି ଓ ସରଳ ଜୀବନର ପ୍ରତୀକ ହେଉଛି ଧର୍ମ । ଅଂହିସା,ଦୟା , କ୍ଷମା , ଶ୍ରମ, ଦାନ, ନିୟମ ଆଦି ହେଉଛି ଧର୍ମର ବାସ୍ତବିକ ସଂଜ୍ଞା । ଏଣୁ ମନୁଷ୍ୟ ଭିତରେ ଥିବା ମାନବିକତା ହେଉଛି ଧର୍ମ ଆଉ ଧର୍ମକୁ ବ୍ୟାଖ୍ୟା କରୁଥିବା ମାଧ୍ୟମ ହେଉଛି ସନାତନ ଧର୍ମ । ସୃଷ୍ଟି ସତ୍ୟ ପ୍ରକୃତି ସତ୍ୟ ମନୁଷ୍ୟ ବି ସତ୍ୟ । ଏଣୁ ସତ୍ୟ ହି ସନାତନ ଆଉ ସନାତନ ହିଁ ସତ୍ୟ । ଅତଏବ ଆକାଶ, ବାୟୁ , ଜଳ, ଅଗ୍ନି , ପୃଥିବୀ ଏହି ପାଞ୍ଚ ପ୍ରକୃତିର ମହାପଞ୍ଚଭୂତକୁ ନେଇ ଜୀବ ଜଗତରେ ମନୁଷ୍ୟ ଶରୀର ଗଠିତ ଓ ସମୟାନୁକ୍ରମେ ଏହି ମହା ପଞ୍ଚଭୂତରେ ମନୁଷ୍ୟ ଶରୀର ଲୀନ ହୋଇଥାଏ । ଏହା ହିଁ ସତ୍ୟ । ବିଜ୍ଞାନ ବି ଏଥିରେ ସହମତ , ପ୍ରକୃତି ହେଉଛି ବିଜ୍ଞାନ ଓ ସମ୍ପୂର୍ଣ୍ଣ ବିଜ୍ଞାନକୁ ନେଇ ସନାତନ ଧର୍ମ ଗଠିତ ।

ମନୁଷ୍ୟ ଓ ସମାଜ ଉଭୟକୁ ଶାନ୍ତି, ସମୃଦ୍ଧି ଓ ନିତିନୀଷ୍ଠ ସୁସ୍ଥ ନିରାମୟ ଜୀବନ ସହ ଅନୁଶାସନ ଡୋରୀରେ ସୁଙ୍ଖଳିତ ଭାବରେ ସବୁଦିନ ବାନ୍ଧିରଖେ ଏହି ସନାତନ ଧର୍ମ । ଭକ୍ତ ଓ ଭଗବାନଙ୍କର ସତ୍ୟ ଶୃଙ୍ଖଳିତ ମାଧମ ହେଉଛି, ସନାତନ ଧର୍ମ । ଭଗବାନ ହେଉଛନ୍ତି ସତ୍ୟ , ଆତ୍ମା ହେଉଛି ସତ୍ୟ ଏବଂ ଏହି ସତ୍ୟର ମାର୍ଗକୁ ଦର୍ଶାଉଥିବା ଧର୍ମ ହେଉଛି ସତ୍ୟ ସନାତନ ଧର୍ମ । ପୂର୍ବରୁ ବହୁ ମୁନିଋଷି, ବୈଦିକ, ବିଜ୍ଞାନୀ ଓ ଶିକ୍ଷାବିତ ଜ୍ଞାନୀଗୁଣୀ ପଣ୍ଡିତ ମାନେ ଏହି ସନାତନ ଧର୍ମର ପୂର୍ଣ୍ଣ ବାଖ୍ୟା ବିସ୍ତୃତ ଭାବରେ ସତ୍ୟତା ସହିତ ବେଦ ପୁରାଣରେ ଲିପିବଦ୍ଧ କରିଛନ୍ତି । ଋକ ବେଦରେ କୁହାଯାଇଛି ସନାତନର ଅର୍ଥ ଯାହା ଅନନ୍ତ ଓ ସର୍ବଦା ସତ୍ୟ , ଯେଉଁ ଜିନିଷରେ ସର୍ବଦା ଗୁରୁତ୍ୱ ରହିଛି ତାହା ହେଉଛି ବାସ୍ତବରେ ସନାତନ ଧର୍ମ । ପୁରାଣ .. ପ୍ରାଚୀନ ରଚନାର ବର୍ଣ୍ଣନା ହେଉଛି ପୁରାଣ । ବହୁ ପୁରାଣରେ ଏହି ସତ୍ୟ ସନାତନ ଉପରେ ଅନେକ ବାଖ୍ୟା କରାଯାଇଛି ।

ପୁନଃ ଋକ୍ ବେଦରେ କୁହାଯାଇଛି ସତ୍ୟମ୍ ଶିବମ୍ ସୁନ୍ଦରଂ । ସତ୍ୟହି ଶିବ ଶିବ ହିଁ ସୁନ୍ଦର ଅଟେ । ଏଣୁ ।

ସତ୍ୟମ୍ ଏକମ୍ ପଦମ୍
ବ୍ରହ୍ମ ସତ୍ୟ ଧର୍ମ ପ୍ରତିଷ୍ଠିତା
ଧର୍ମ ସାରମ ଇଦଂ ଜଗତ
ବ୍ରହ୍ମମୟ ସଂସାରମ୍ ...।

ଅତଏବ ବ୍ରହ୍ମ ସତ୍ୟ ଅଟେ ଆଉ ସମଗ୍ର ସଂସାର ବ୍ରହ୍ମମୟ ଅଟେ ।

ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି
ନା ଭୂତ ନା ଭବିଷ୍ୟତି

ବ୍ରହ୍ମ ସତ୍ୟ ଓ ଏକ ଅଟେ, ଦ୍ୱିତୀୟ ଅନ୍ୟ କିଛି ନାହିଁ, ନା ଭୂତ ନା ଭବିଷ୍ୟତରେ । ଏଣୁ ସନାତନ ଧର୍ମ ହିଁ ସଂସାରରେ ଏକ ମାତ୍ର ସାର ଅନ୍ୟସବୁ ପନ୍ଥା ବା ମାନବ ନିର୍ମିତ ସମାଜ ଅଟେ । ଉକ୍ତ ଧର୍ମ ସୃଷ୍ଟି ପୂର୍ବରୁ ଅନନ୍ତ ଅନ୍ଧକାରରୁ ଜୀବନର ପ୍ରକାଶର କାହାଣୀ ବି ଅଟେ । ଜୀବନକୁ ଉର୍ଜା ପ୍ରଦାନ କରୁଥିବା ସୂର୍ଯ୍ୟ ବି ସନାତନ ଅଟେ । ଏମିତି ଏହା କେବଳ ଗୋଟିଏ ସମୁଦାୟର ନୁହେଁ, ଅପିତୁ ସମୁଚି ସମାଜରେ ମାନବତାର ଶାଶ୍ୱତ ଧର୍ମ ଅଟେ ।

ଏଣୁ ଭଗବାନ କୁହନ୍ତି ଅହଂ ବ୍ରହ୍ମାସ୍ତି ତତଃ ବାମଅସି । ମୋ ଭିତରେ ବି ବ୍ରହ୍ମ ଅଛି ତୋ ଭିତରେ ବି ବ୍ରହ୍ମ ଅଛି । ବ୍ରହ୍ମମୟ ଏ ସଂସାର, ବ୍ରହ୍ମ ସର୍ବତ୍ର ପୁରୀ ରହିଛି ଓ ବ୍ରହ୍ମରୁ ବ୍ରହ୍ମାଣ୍ଡ ଜାତ ହୋଇଛି । ଏଣୁ ଭଗବାନ ସତ୍ୟ ବ୍ରହ୍ମ ବି ସତ୍ୟ ଓ ସତ୍ୟ ହିଁ ସନାତନ ଅଟେ ।

ବେଦରେ ଲେଖାଅଛି ଇଶ୍ୱର ଅଜନ୍ମା, ଅନ୍ତର୍ଯ୍ୟାମୀ, ନିରାକାର ଅଟେ ମାତ୍ର ତାଙ୍କ ରୂପ ଅନେକ ଅଟେ । ଅତଏବ ଭାବରେ ମାନବ ଧର୍ମର ମୂଳଧର୍ମ ସନାତନ ଧର୍ମ ଯାହା ଅନନ୍ତ ଓ ଶାଶ୍ୱତ ଯାହାର ଆରମ୍ଭ ନାହିଁ କି ଶେଷ ନାହିଁ । ଯାହାର ଆକ୍ଷରିକ ଅର୍ଥ ସତ୍ୟ, ନ୍ୟାୟ, ଆସ୍ଥା (ବିଶ୍ୱାସ), ତପ, ନିଷ୍ଠା(ନିୟମ) ଆଦିକୁ ପରିବେଷ୍ଟିତ କରେ । କୁହାଯାଏ କଳ୍ପ(ସୃଷ୍ଟି ) ପ୍ରାରମ୍ଭରୁ ସ୍ୱୟଂ ଶ୍ରୀ କୃଷ୍ଣ ଭିନ୍ନାଭିନ୍ନ ୭୨ ପ୍ରକାରର ଅବୈଦିକ ସମ୍ପ୍ରଦାୟର ଜନଜାତି ଲୋକଙ୍କୁ ଏକତ୍ରିତ କରି ଏହି ବୈଦିକ ସନାତନ ଧର୍ମର ପୂର୍ଣ୍ଣ ପ୍ରତିଷ୍ଠା କରିଥିଲେ । ବହୁ ଗଣନା ଅନୁଯାଇ ଆନୁମାନିକ ଏହା ୧୯୬,୮୫୩,୧୧୦ ବର୍ଷର ସର୍ବ ପୁରାତନ ଧର୍ମ ଅଟେ । ଯାହା ଆଜି ହିନ୍ଦୁ ଧର୍ମ ନାମରେ ସର୍ବ ବିଖ୍ୟାତ ।

ବାସ୍ତବରେ ହିନ୍ଦୁ ଧର୍ମ ନାମରେ କୌଣସି ଧର୍ମ ନଥିଲା । ପୂର୍ବେ ମୋଗଲ ମାନେ ମେହେଞ୍ଜୋଦାରୋ ସଭ୍ୟତା ସମୟରେ ଇନ୍ଦୁ ନଦୀ ନାମରେ ଏକ ନଦୀ କୂଳରେ ବସବାସ କରୁଥିଲେ । କାଳକ୍ରମେ ଇନ୍ଦୁ ନଦୀ ନାମ ଅନୁଯାଇ ସେମାନଙ୍କୁ ସିନ୍ଧୁ ସଭ୍ୟତା କୁହାଗଲା । ପରେ ସେମାନଙ୍କ ସନାତନ ଧର୍ମପ୍ରତି ଆଗ୍ରହ, ଭଲପାଇବା ଓ ପୂଜାର୍ଚ୍ଚନା ଯୋଗୁଁ ସେମାନଙ୍କୁ ହିନ୍ଦୁ ବୋଲି କୁହାଗଲା , ପରେ ପରେ ଏହା ହିନ୍ଦୁଧର୍ମ ନାମରେ ପରିଗଣିତ ଓ ବିସ୍ତାର ଲାଭ କଲା । ପୂର୍ବେ ବୈଦିକମାନେ ଏଥିପାଇଁ ହିନ୍ଦୁ ଧର୍ମକୁ ପରମ ସନାତନ ଧର୍ମ କହୁଥିଲେ କାରଣ ଏହା ହିଁ ଏକମାତ୍ର ସନାତନ ଧର୍ମ ଯାହାକି ଇଶ୍ୱର, ଆତ୍ମା ଓ ମୋକ୍ଷାକୁ ତତ୍ତ୍ୱ ଓ ଧ୍ୟାନ ମାଧ୍ୟମରେ ଜାଣିବାର ପଥ ପ୍ରଦର୍ଶିତ କରେ । ଅହିଂସା, ଦୟା, କ୍ଷମା, ଜପ, ତପ, ଶ୍ରମ, ଜମ, ଦାନ, ନିୟମ ଯାହା ଶାନ୍ତି ଓ ସରଳ ଜୀବନର ଆକ୍ଷରିକ ଅର୍ଥ ବାଖ୍ୟା କରେ । ଯାହା ଅନ୍ୟ ଧର୍ମର ସୃଷ୍ଟି ହେବା ପୂର୍ବରୁ ଏହି ସନାତନ ଧର୍ମରେ ଏହାର ପୂର୍ଣ୍ଣ ବାଖ୍ୟା କରାଯାଇଅଛି । ଯେଉଁ ସତ୍ୟ ସଦାସର୍ବଦା ନିର୍ଲିପ୍ତ, ନିର୍ବିକାର, ନିରଞ୍ଜନ ଓ ସବୁବେଳେ ସ୍ୱରୁପରେ ସ୍ଥିତ ରୁହେ ତାକୁ ହିଁ ସନାତନ ଧର୍ମ କୁହାଯାଏ । ସନାତନ ଧର୍ମର ଇତିହାସରେ ୪ବେଦ , ୧୦୮ ଖଣ୍ଡ ଉପନିଷଦ ଓ ୧୮ ଖଣ୍ଡ ମହା ପୁରାଣ ଲେଖାଅଛି ।

ବେଦ କହେ ଓମ୍ ପୂର୍ଣ୍ଣମଦା ପୂର୍ଣ୍ଣମିଦାମ
ପୂର୍ଣ୍ଣନାମ ପୂର୍ଣ୍ଣ ମୁଦଚିତ ।।

ଏଣୁ ବେଦର ବ୍ରହ୍ମ ଓ ଗୀତର ଜ୍ଞାନ ସତ୍ୟ ଅଟେ । ସତ୍ୟ ଶିବ ଅଟେ ଶିବ ସୁନ୍ଦର ଅଟେ । ଏବଂ ସତ୍ୟ ଶିବ ସୁନ୍ଦର ସନାତନ ଧର୍ମ ଅଟେ । ଏଣୁ ସନାତନ ଧର୍ମ ହିଁ ଏକମାତ୍ର ସାର ଯାହାର ଆଦି ନାହିଁ କି ଅନ୍ତ ନାହିଁ । ପରିତ୍ରାଣ ବିନା ଆତ୍ମାର କୌଣସି ଗତି ନାହିଁ । ସରଳ ଜୀବନ ଓ ମୋକ୍ଷ ପାଇଁ ସନାତନ ଧର୍ମ ଏହା ହିଁ ଶିକ୍ଷା ଦିଏ କି ଏକତା, ଏକନିଷ୍ଠତା, ଧ୍ୟାନ, ନୀରବ, ଏବଂ ତପ ସହିତ ଜମ ନୀୟମାଦିର ଅଭ୍ୟାସ ଓ ଜାଗରଣ ଦ୍ୱାରା ହିଁ ପରିତ୍ରାଣ ଓ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏହି ଧର୍ମରେ ରାମାୟଣ ମହାଗ୍ରନ୍ଥ ତ୍ୟାଗ, ସମର୍ପଣ ଓ ଭକତିର ଶିକ୍ଷାଦିଏ । ମହାଭାରତ ଗ୍ରନ୍ଥ ଧର୍ମ ରକ୍ଷା ଓ ଧର୍ମ ସଂଘର୍ଷର ମାର୍ଗ ବତାଏ । ମହା ଭାଗବତ ଗୀତା ଜୀବନ ଆଦର୍ଶ ଓ ଜ୍ଞାନର ସଙ୍ଘ୍ୟା ବାଖ୍ୟା କରେ ଓ ଋକ୍ ସାମ ଯଯୁ ଅଥର୍ବ ଏହି ୪ବେଦ କୋଟି ବ୍ରହ୍ମାଣ୍ଡର ଜ୍ଞାନ, ପରମବ୍ରହ୍ମ ଓ ମୋକ୍ଷର ମାର୍ଗ ବତାଏ ।

ବର୍ତ୍ତମାନର ବିଶ୍ୱର Reality social media platform Google କହେ ବିଶ୍ୱର ଧାର୍ମିକ ଧର୍ମାବଲମ୍ବୀ ଜନସଂଖ୍ୟା ଗଣନା ଅନୁଯାୟୀ ଶତକଡା ହାର ୨୪.୯% ଲୋକ ଇସଲାମ ଧର୍ମାବଲମ୍ବୀ ଅଟନ୍ତି, ୩୧.୧% ଇସାଇ ଧର୍ମାବଲମ୍ବୀର ଲୋକ ଅଟନ୍ତି, ୧୫.୨% ହିନ୍ଦୁ ଧର୍ମାବଲମ୍ବୀର ଲୋକ ଅଟନ୍ତି, ୬.୬% ବୌଦ୍ଧ ଧର୍ମାବଲମ୍ବୀର ଲୋକ ଅଟନ୍ତି ଓ ୬.୬ % ଅନ୍ୟନ ଧର୍ମାବଲମ୍ବୀର ଲୋକ ଅଟନ୍ତି ଏବଂ ୧୫.୬% ଲୋକ କୌଣସି ଧର୍ମ ଉପରେ ବିଶ୍ୱାସ ରଖନ୍ତି ନାହିଁ ।

ଇତମଧ୍ୟରେ ଋଇଉ ଚଗ ୨୦୨୩ ( Economic Advisory Council to the Prime Minister ) ର ଆକଳନ ଅନୁଯାଇ ବିଶ୍ୱରେ ସମୁଦାୟ ଜନସଂଖ୍ୟା ହାରରୁ ଭାରତ ଶତକଡା ୧୭.୭୮% ଥିବାବେଳେ ୧,୪୫୫,୩୦୮,୯୫୫ ଜନସଂଖ୍ୟା ରହିଛି ଏବଂ ଧାର୍ମିକ ଧର୍ମାବଲମ୍ବୀ ଜନସଂଖ୍ୟା ଗଣନା ଅନୁଯାୟୀ ଭାରତରେ ହିନ୍ଦୁ ୭୯.୮% ବା ୯୬.୬୨ କୋଟି ଜନସଂଖ୍ୟା, ଇସଲାମ ୧୪.୨% ବା ୧୭.୨୨କୋଟି ଜନସଂଖ୍ୟା, ଇସାଇ ୨.୩% ବା ୨.୭୮କୋଟି, ଶିଖ ୧.୭% ବା ୨.୦୮କୋଟି ଓ ବୌଦ୍ଧ ୦.୭% , ଜୈନ ୦.୪% ।।

ଭାରତରେ ୧୯୫୦ ମସିହା ସୁଦ୍ଧା ହିନ୍ଦୁ ଧର୍ମର ଜନସଂଖ୍ୟା ୮୪.୬୮% ଥିବାବେଳେ ୨୦୧୫ ସୁଦ୍ଧା ଏହା ୭୮.୦୬% ରେ ପହଞ୍ଚିଥିଲା । ଗ୍ରାଫ ହାର ଅନୁଯାଇ ୭.୮% ତଳମୁହା ହୋଇଥିଲା । ୧୯୫୦ ମସିହା ସୁଦ୍ଧା ମୁସଲିମ ଧର୍ମର ଜନସଂଖ୍ୟା ୯.୮୪% ଥିବାବେଳେ ୨୦୧୫ ସୁଦ୍ଧା ଏହା ୧୪.୦୯% ରେ ପହଞ୍ଚିଥିଲା । ଗ୍ରାଫ ହାର ଅନୁଯାଇ ୪୩.୧୫% ବୃଦ୍ଧି ଘଟିଥିଲା ଓ ଉଭୟ ୨୦୫୦ - ୨୦୨୩ ସୁଦ୍ଧା ଇଶାଇ ( ଖ୍ରୀଷ୍ଟିଆନ୍) ଧର୍ମ ମଧ୍ୟ ୫.୩୮% ବୃଦ୍ଧି ଘଟିଥିଲା । ଏତେ ପରେ ବି ମୁଖ୍ୟତଃ ଭାରତ ହେଉଛି ଏକମାତ୍ର ହିନ୍ଦୁ ସନାତନି ରାଷ୍ଟ୍ର ଯାହା ଆମକୁ ଧର୍ମର ମାର୍ଗ ଦେଖାଏ । ଏ ଧର୍ମ ଆମକୁ କୌଣସି ଲୋଭ ଦେଖାଏନି ଅପିତୁ ସେହି ଲୋଭ ଅଙ୍କୁଶ ଭିତରୁ ମୁକ୍ତ କରି ପରମବ୍ରହ୍ମ ଓ ମୋକ୍ଷର ରାସ୍ତା ବତାଏ । କଥାରେ ଅଛି କଳିକା ମହକେ ଫୁଲଟିଏ ହୋଇ ଜୀବନର ମୂଳ ସଂସ୍କାର ଅଟଇ । ଏହା ସତ୍ୟ ଯେ ଶାନ୍ତି ଓ ସରଳ ଜୀବନ ପାଇଁ ସଂସ୍କାରର ଆବଶ୍ୟକତା ରହିଛି । ଏଣୁ ମୋଟାମୋଟି ଭାବେ ସଂସାରରେ ସଂସ୍କାରକୁ ନେଇ ସନାତନ ଧର୍ମର ପ୍ରାରମ୍ଭ ଲାଭ ହୋଇଛି । ପୂର୍ଣ୍ଣ ଭାବେ କହିବାକୁ ଗଲେ ସ୍ୱୟଂକୁ , ଭଗବାନଙ୍କୁ ଓ ଆତ୍ମାକୁ ତତ୍ତ୍ୱ ଓ ଧ୍ୟାନ ମାଧ୍ୟମରେ ଜାଣି ନିଜକୁ ମୋକ୍ଷ ଓ ମୁକ୍ତି କରିବା ହେଉଛି ସନାତନ ଧର୍ମ । ଏଣୁ ଗୌତମ ବୁଦ୍ଧ କୁହନ୍ତି ଯୁଦ୍ଧ କ୍ଷେତ୍ରରେ ରହି ହଜାରେ ଲୋକଙ୍କୁ ହରାଇବା ପ୍ରକୃତ ଯୋଦ୍ଧା ନୁହେଁ ପ୍ରକୃତ ଯୋଦ୍ଧା ସିଏ ଯିଏ ନିଜକୁ ଜୟ କରିପାରେ ।।

ଏଣୁ ସନାତନ ଧର୍ମ ହିଁ ଏକମାତ୍ର ସାର ଅଟେ । ଯଥାର୍ଥ ଭାବରେ ବୁଝିବାକୁଗଲେ ଧର୍ମର ଅର୍ଥ ହେଉଛି କର୍ତ୍ତବ୍ୟ ବା ଦାୟିତ୍ୱ । ଯେଉଁ ଦାୟିତ୍ୱର ବିଚାରାଧାରା ସନାତନ ଧର୍ମରେ ବହୁ ଆଗରୁ ବାକ୍ଷା କରାଯାଇ ଅଛି । କିନ୍ତୁ ବର୍ତ୍ତମାନ କିଛି ବିଭ୍ରାନ୍ତକାରି ହେତୁବାଦି ମାନଙ୍କ ଅଙ୍କୁଷ ଭିତରେ ସନାତନ ଧର୍ମ ଆଜି ସଙ୍କଟରେ ବା ବିପଦାମୁଖି । ଏଣୁତ ବିଶ୍ୱ ଜନସଂଖ୍ୟା ଗ୍ରାଫ ଅନୁଯାଇ ପଞ୍ଜିକୃତରେ ଇସଲାମ ଜନସଂଖ୍ୟା ଦୃତ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଓ ଇସଲାମ ସଂସ୍ପର୍ଶରେ ୧୦ କୋଟି ହିନ୍ଦୁ ଧର୍ମ ପରିବର୍ତ୍ତନର ଦୃଷ୍ଟିଗୋଚର ହେଉଛି ।

ବିଶେଷ ଭାବରେ ସୃଷ୍ଟି ଆରମ୍ଭରୁ ଏହି ସନାତନ ଧର୍ମ ଅଛି ଓ ସୃଷ୍ଟି ଶେଷ ପର୍ଯ୍ୟନ୍ତ ରହିବ ମଧ୍ୟ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଏବଂ ଏହି ଧର୍ମର ପ୍ରତିଷ୍ଠାତା ସ୍ୱୟଂ ନାରାୟଣ ଅଟନ୍ତି ଯାହା ମନୁଷ୍ୟ ଭିତରେ ଥିବା ମାନବିକତା ସନାତନ ଧର୍ମ ମାଧ୍ୟମରେ ଜାଗ୍ରତ କରେ । ଏ ଧର୍ମ ହଜିଲେ ମନୁଷ୍ୟ ଭିତରୁ ମାନବିକତା ହଜିଯିବ ଓ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ନର୍କମୟ ପାଲଟିଯିବ ଏଣୁ ଅନାଦି କାଳରୁ ଏଯାବତ୍ ଏ ସନାତନ ଧର୍ମ ରହିଛି ଓ ଅନନ୍ତ କାଳ ପର୍ଯ୍ୟନ୍ତ ରହିବ ମଧ୍ୟ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ଅବହେଳିତ ଗୃହପାଳିତ ପଶୁପକ୍ଷୀ

# ଜଣେ କର୍ମଚାରୀରେ ଚାଲିଛି ନିଦାନିକ ଅନୁସନ୍ଧାନ ପରୀକ୍ଷାଗାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମନୁଷ୍ୟ ପରି ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ନିମନ୍ତେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଚିକିତ୍ସାଳୟ ସମେତ ପରୀକ୍ଷାଗାର ବ୍ୟବସ୍ଥା କରାଯାଇଛି । ଏଥିରେ ଅସୁସ୍ଥ ପଶୁପକ୍ଷୀଙ୍କୁ ସ୍ୱଳ୍ପ ମୂଲ୍ୟରେ ଚିକିତ୍ସା ହୋଇପାରିବ । କିନ୍ତୁ ଗଞ୍ଜାମ ଜିଲ୍ଲାରେ ରହିଥିବା ଗୃହପାଳିତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଦକ୍ଷିଣାଞ୍ଚଳ ପାଇଁ ବ୍ରହ୍ମପୁରରେ ଥିବା ଏକ ମାତ୍ର ନିଦାନିକ ଅନୁସନ୍ଧାନ ପରୀକ୍ଷାଗାରରେ କର୍ମଚାରୀ ଅଭାବରୁ ଅସୁସ୍ଥ ପଶୁପକ୍ଷୀଙ୍କ ବିଭିନ୍ନ ଚିକିତ୍ସା କରାଯାଇପାରୁନାହିଁ । ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ପରୀକ୍ଷା ନ ମିଳିବାରୁ ବହୁ ଗୃହପାଳିତ ପଶୁପକ୍ଷୀଙ୍କ ମୃତ୍ୟୁ ହେଉଛି । ବ୍ରହ୍ମପୁର ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଥିବା ନିଦାନିକ ଅନୁସନ୍ଧାନ ପରୀକ୍ଷାଗାରରେ ୨ ଜଣ ରିସର୍ଚ୍ଚ ଅଫିସର ପଦ ମଧ୍ୟରୁ ମାତ୍ର ଜଣେ ଅଛନ୍ତି । ସେହିପରି ମଞ୍ଜୁରୀପ୍ରାପ୍ତ ଲାବ୍ ଟେକ୍ନିସିଆନ୍ ଓ ଲାବ୍ ଆସିଷ୍ଟାଣ୍ଟ ପଦ ଖାଲି ରହିଛି । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଦକ୍ଷିଣାଞ୍ଚଳ ପାଇଁ ରହିଥିବା ଏକ ମାତ୍ର ସିଆଇଏଲ୍ କେନ୍ଦ୍ର ମାତ୍ର ଜଣେ ରିସର୍ଚ୍ଚ ଅଫିସର ଦ୍ୱାରା ପରିଚାଳିତ ହେଉଛି । କେନ୍ଦ୍ରରେ ଚଳିତ ମାସ ୧୩ ତାରିଖରେ ହେମାଟୋଲୋଜି ଆନାଲାଇଜର ଓ ବାୟୋକେମିକାଲ୍ ଆନାଲାଇଜର ପରି ଦୁଇଟି ଅତ୍ୟାଧୁନିକ ମେସିନ୍ ସ୍ଥାପନ କରାଯାଇଛି । ହେମାଟେଲୋଜି ଆନାଲାଇଜରରେ ପଶୁପକ୍ଷୀଙ୍କ ରକ୍ତ ନମୁନାରୁ ବିଭିନ୍ନ ପରୀକ୍ଷା ହୋଇପାରିବ । ସେହିପରି ବାୟୋକେମିକାଲ୍ ଆନାଲାଇଜରରେ ଅନ୍ୟ ସମସ୍ତ ପରୀକ୍ଷା ହେବାର ବ୍ୟବସ୍ଥା ରହିଛି । କିନ୍ତୁ କର୍ମଚାରୀ ଅଭାବରୁ କେନ୍ଦ୍ରରେ ରୁଟିନ୍ ଟେଷ୍ଟର ନମୁନା ସହ ମାସକୁ ମାତ୍ର ୧୨ ଶହ ନମୁନା ପରୀକ୍ଷା କରାଯାଉଛି । ପରୀକ୍ଷା କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ରହିଥିବା ବେଳେ ମାତ୍ର ଜଣେ କର୍ମଚାରୀଙ୍କ କ୍ଷେତ୍ରରେ ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ସମସ୍ତ ପରୀକ୍ଷା କରିବା ଏବଂ ରିପୋର୍ଟ ପ୍ରଦାନ କରିବା କଷ୍ଟକର ହେଉଛି । ତେଣୁ ଗୃହପାଳିତ ପଶୁ ଓ ପକ୍ଷୀଙ୍କ ଉତ୍ତମ ଚିକିତ୍ସା ଏବଂ ଉପଯୁକ୍ତ ପରୀକ୍ଷା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ସମେତ କର୍ମଚାରୀ ଯୋଗାଇବାକୁ ଦାବି ହୋଇଛି । ନିଦାନିକ ଅନୁସନ୍ଧାନ ପରୀକ୍ଷାଗାରରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଭାଗକୁ ଅବଗତ କରାଯାଇଥିବା ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧୀକାରୀ ଡ଼ା. ଅଞ୍ଜନ ଦାସ କହିଛନ୍ତି ।

# ସାଆନ୍ତେ ପିନ୍ଧନ୍ତି ସାତ ବାରରେ ସାତ ରଙ୍ଗର ଯୋଡ଼

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସେ ବଡ଼ଖିଆ ବଡ଼ଠାକୁର । ସେ ରସିକନାଗର । ସ୍ୱର୍ଣ୍ଣ ଅଳଙ୍କାର, ମୋତି ମାଣିକରେ ସୁସଜ୍ଜିତ କଳାଠାକୁର ଆହା କି ସୁନ୍ଦର । ଖାଲି ଶ୍ରୀକ୍ଷେତ୍ରରେ ନୁହନ୍ତି, କାଳିଆ ଠାକୁର ଯେଉଁଠି ରୁହନ୍ତି ସାଆନ୍ତ ଠାଣିରେ ହିଁ ରୁହନ୍ତି । ଯେମିତି ବରମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିରରେ ସାଆନ୍ତ ବାର ଦେଖି ଯୋଡ଼ ପିନ୍ଧନ୍ତି । ନିଇତି ବଦଳେ ତାଙ୍କର ବସ୍ତ୍ର । ପ୍ରତିଦିନ ଭିନ୍ନ ଭିନ୍ନ ରଙ୍ଗର ବସ୍ତ୍ରରେ ଶ୍ରୀଅଙ୍ଗ ଶୋଭିତ ହୁଏ । ଆସନ୍ତୁ ଜାଣିବା ବରମୁଣ୍ଡା ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କାହାଣୀ । ବରମୁଣ୍ଡା ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର ସମ୍ପାଦକ ରଘୁନାଥ ନନ୍ଦ କହିଛନ୍ତି, ୯୦ ଦଶକର ଆରମ୍ଭ ଆଡ଼କୁ ବରମୁଣ୍ଡା ଗାଁର ଜଣେ ବ୍ୟକ୍ତି ପୁରୀ ଯାଇଥିଲେ । ସେଠାରୁ କୁନି ଚତୁର୍ଦ୍ଧାମୂର୍ତ୍ତି ଘେନି ଆସିଥିଲେ । ମୂର୍ତ୍ତି ସ୍ଥାପନ କରି ପୂଜା କରିବାକୁ ଏବଂ ଦେଉଳଟିଏ ଗଢ଼ିବାକୁ ସେ ଅଞ୍ଚଳବାସୀଙ୍କୁ କହିଥିଲେ । ଅଞ୍ଚଳବାସୀ ବି ଏଥିରେ ହଁ ଭରିଥିଲେ । ଏକ ବରଗଛ ମୂଳେ କୁନି ଦେଉଳଟିଏ ଗଢ଼ି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାପନ କରାଯାଇଥିଲା ଓ ୧୯୯୧ ମସିହାରୁ ବିଧି ମୁତାବକ ରଥଯାତ୍ରା ଆରମ୍ଭ ହୋଇଥିଲା । ତେବେ ଏହି ମନ୍ଦିରକୁ ବଡ଼ କରିବାକୁ ସ୍ଥାନୀୟ ଲୋକେ ଭାବିଥିଲେ । ୨୦୦୭ ମସିହାରେ ସାଗର ମହାରଣା ନାମକ କାରିଗରଙ୍କୁ ନେଇ ମନ୍ଦିରର ଶୁଭ ପଡ଼ିଥିଲା । ହେଲେ ଶ୍ରୀ ମହାରଣା ରାଉରକେଲା ଗଲେ ଯେ ଫେରିଲେନାହିଁ । ଏହାପରେ ନୟାଗଡ଼ ଓଡ଼ଗାଁର ମନ୍ଦିର କାରିଗର ଦଣ୍ଡପାଣି ସାହୁଙ୍କୁ ନେଇ ୨୦୦୮ ମସିହା ନଭେମ୍ବରରେ ପୁଣି ମନ୍ଦିରର ଶୁଭ ପଡ଼ିଥିଲା । ପରିଷଦର କୋଷାଧ୍ୟକ୍ଷ ରାମଚନ୍ଦ୍ର ବିଶ୍ୱାଳ କହିଛନ୍ତି, ମନ୍ଦିର ଏବେ ଯେଉଁ ସ୍ଥାନରେ ଅବସ୍ଥିତ, ତାହା ହେଉଛି ସରକାରୀ ଜାଗା । ଏହା ଶ୍ମଶାନକୁ ଲାଗି ରହିଥିବା ବେଳେ ଶ୍ମଶାନ ନିକଟସ୍ଥ ଏହି ସ୍ଥାନଟି ଫାଙ୍କା ପଡ଼ିଥିଲା । ତତ୍କାଳୀନ ବିଏମ୍‌ସି କାଉନ୍‌ସିଲର ହେମନ୍ତ ସ୍ୱାଇଁ ଏହି ଜାଗାରେ ପାଚେରୀ ବୁଲେଇ ମନ୍ଦିର କରିବାରେ ସହଯୋଗ କରିଥିଲେ । ମନ୍ଦିରଟି ପ୍ରାୟ ୧ ଏକର ପରିମିତ ଜାଗାରେ ହୋଇଥିବା ବେଳେ



୨୦୧୫ ମସିହା ନବକଳେବର ଦିନ ମନ୍ଦିର ପ୍ରତିଷ୍ଠା ସହ ଠାକୁରଙ୍କୁ ଜୀବନ୍ୟାସ ମିଳିଥିଲା । ମନ୍ଦିରର ଉଚ୍ଚତା ୭୬ ଫୁଟ୍ ହୋଇଥିବାବେଳେ ଚିନ୍ତାମଣି ମହାରଣା ନାମକ ଜଣେ ଶିଳ୍ପୀ ନିମ କାଠରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପ୍ରତିମୂର୍ତ୍ତି ଗଢ଼ିଥିଲେ । ମନ୍ଦିରର ପ୍ରତିଷ୍ଠା ଉତ୍ସବରେ ପୁରୀ ମୁକ୍ତିମଣ୍ଡପ ପଣ୍ଡିତ ସଭାର ୫ ଜଣ ବ୍ରାହ୍ମଣଙ୍କ ସହ ସ୍ଥାନୀୟ ଅଞ୍ଚଳର ଆଉ ୧୦ ଜଣ ବ୍ରାହ୍ମଣ ଯୋଗ ଦେଇଥିଲେ । ସ୍ଥାନୀୟ ଲୋକଙ୍କ ଆର୍ଥିକ ଅନୁଦାନରେ ମୁଖ୍ୟ ମନ୍ଦିର ସମେତ ଜଗମୋହନ, ଭୋଗ ମଣ୍ଡପ, ମା' ଲକ୍ଷ୍ମୀ, ମା' ବିମଳାଙ୍କ ମନ୍ଦିର ଏକାସାଥେ ପ୍ରତିଷ୍ଠା ଲାଭ କରିଥିଲା । ପରବର୍ତ୍ତୀ ସମୟରେ ମା' ସରସ୍ୱତୀ, କାଶୀ ବିଶ୍ୱନାଥ, ହନୁମାନ, ଗଣେଶ ଓ ରାମ ମନ୍ଦିର ପ୍ରତିଷ୍ଠା ହୋଇଥିଲା । ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ମନ୍ଦିର ସ୍ଥାପିତ ହୋଇଥିବା ବେଳେ ଲକ୍ଷ୍ମୀ ମନ୍ଦିର ପାଇଁ ସମ୍ପୂର୍ଣ୍ଣ ଅନୁଦାନ ସ୍ଥାନୀୟ ବାସିନ୍ଦା ବିଦ୍ୟାଧର ସ୍ୱାଇଁ ପ୍ରଦାନ କରିଥିଲେ । ପରିଷଦର ପରିଚାଳନା ସଦସ୍ୟ ନରସିଂହ ପାତ୍ର କହିଛନ୍ତି, ଏଠାରେ ୩୪ ବର୍ଷ ହେଲା ରଥଯାତ୍ରା ପାଳିତ ହୋଇଆସୁଛି । ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଇଁ ଗୋଟିଏ ରଥ ହେଉଥିବା ବେଳେ ନିକଟସ୍ଥ ନୀଳକଣ୍ଠେଶ୍ୱର ମନ୍ଦିରରେ ଠାକୁର ଯାଇ ୯ ଦିନ ରୁହନ୍ତି । ଏହାଛଡ଼ା ମନ୍ଦିରରେ ସ୍ନାନପୂର୍ଣ୍ଣିମା, ଝୁଲଣ ଯାତ୍ରା, ଚନ୍ଦନ ଯାତ୍ରା ଆଦି ବି ମହାଆଡ଼ମ୍ବରରେ ପାଳିତ ହୁଏ । ମହାପ୍ରଭୁ ଏଠାରେ ନିଇତି ଭିନ୍ନ ବାରରେ ଭିନ୍ନ ରଙ୍ଗର ଅଙ୍ଗବସ୍ତ୍ର ପରିଧାନ କରିଥାନ୍ତି । ସୋମବାର ଗାର ପଡ଼ିଥିବା ଶ୍ୱେତବସ୍ତ୍ର, ମଙ୍ଗଳବାର ଲାଲ୍, ବୁଧବାର ସବୁଜ, ଗୁରୁବାର ହଳଦିଆ, ଶୁକ୍ରବାର ସମ୍ପୂର୍ଣ୍ଣ ଶୁଭ୍ର ରଙ୍ଗ, ଶନିବାର ସମ୍ପୂର୍ଣ୍ଣ କଳା ଓ ରବିବାର ପୁଣି ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କରିଥାନ୍ତି । ସାଆନ୍ତଙ୍କୁ ଏଠି ଦିନରେ ଥରେ ସଙ୍କୁଡ଼ି ଭୋଗ ଓ ରାତିରେ ଫଳ ଭୋଗ ଅର୍ପଣ କରାଯାଉଥିବା ପରାମର୍ଶଦାତା ଇନ୍ଦୁଭୂଷଣ ମହାନ୍ତି କହିଛନ୍ତି । ସ୍ଥାନୀୟ ବାସିନ୍ଦା ଇଂ ଶରତ ସାହୁ ଓ ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ଅନୁଦାନରେ ମନ୍ଦିରରେ ଯୋଗେନ୍ଦ୍ର ମଣ୍ଡପ ନିର୍ମିତ ହୋଇଛି । ଏଠାରେ ବିବାହ, ବ୍ରତ, ନିର୍ବନ୍ଧ ଓ ଜନ୍ମଦିନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ।

# ପାନୀୟ ଜଳ ଯୋଗାଣ ଠପ୍:ହନ୍ତସନ୍ତ ଚାନ୍ଦୋତରା ବାସୀ



**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବା ପାଇଁ ବସୁଧା ଯୋଜନାରେ ପାଣିଟାଙ୍କି ସୁବିଧା କରିଛନ୍ତି । ହେଲେ କିଛି ଜାଗାରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଲୋକେ ନିୟମିତ ଭାବେ ପାନୀୟଜଳ ପାଇପାରୁନାହାନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଚାନ୍ଦୋତରା ଗ୍ରାମରେ । ଦୀର୍ଘଦିନ ହେବ ଉକ୍ତ ଗ୍ରାମରେ ପାନୀୟଜଳ ଯୋଗାଣ ବନ୍ଦ ହୋଇରହିଛି । ଗ୍ରାମବାସୀ ନଦୀର ବହିଯାଉଥିବା ଗୋଳିଆ ପାଣି ବ୍ୟବହାର କରୁଛନ୍ତି । ଏହା ଫଳରେ ଲୋକେ ଅନେକ ସମସ୍ୟାର ସାମ୍ନା କରୁଥିବା ଜଣାପଡିଛି । ଅଧିକାରୀମାନେ ଲୋକଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି । ଏହାଫଳରେ ଉକ୍ତ ଗ୍ରାମରେ ଅସନ୍ତୋଷ ବଢିବାକୁ ଲାଗିଛି । ତେଣୁ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏହି ପାନୀୟ ଜଳ ସମସ୍ୟା ଗୁରୁତ୍ୱ ଦେବା ସହ ଗ୍ରାମବାସୀଙ୍କ ରହିଥିବା ପାନୀୟ ଜଳର ସମସ୍ୟାକୁ ଦୂର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା କେବେ ପାନୀୟଜଳ ଯୋଗାଣ ସମସ୍ୟା ଦୂର ହେବ ।

# ବ୍ରହ୍ମପୁରରେ ଆଇଟି ପାର୍କ ପ୍ରତିଷ୍ଠା ପ୍ରସ୍ତାବ ନାହିଁ:ମନ୍ତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଆମ୍ବପୁଆ ଠାରେ ଆଇଟି ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ଼ା. ମୁକେଶ ମହାଲିଙ୍ଗ କହିଛନ୍ତି । ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଆମ୍ବପୁଆ ଠାରେ ଆଇଟି ପାର୍କର ବିକାଶ ଓ ଅଗ୍ରଗତି ସମ୍ପର୍କରେ ପ୍ରଶ୍ନ ପଚାରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଉତ୍ତରରେ ଏହା କହିଛନ୍ତି । ଏଥିସହିତ ମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ଅଧୀନରେ ଥିବା ସଫ୍ଟୱେର ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ ବ୍ରହ୍ମପୁର ଅଞ୍ଚଳକୁ ଏକ ସପନ୍ଦଯୋଗ୍ୟ ଆଇଟି ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବା, ଆଇଟି ରପ୍ତାନୀକୁ ପ୍ରୋତ୍ସାହିତ କରିବା ଏବଂ ନବସୃଜନ ପରିଚାଳିତ ଉଦ୍ୟମତାକୁ ପ୍ରୋତ୍ସାହିତ କରିବା ପାଇଁ ଆମ୍ବପୁଆରେ ଏହାର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ୨୦ ହଜାର ବର୍ଗଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ ଏସ୍‌ଟିପିଆଇ ଅତ୍ୟାଧୁନିକ ଆଇଟି ଗ୍ରେଡ୍‌ର ଉଇନ୍‌କ୍ୟୁବେସନ୍ ଭିତ୍ତିଭୂମି ସହିତ ବିକଶିତ ହୋଇଛି । ଏଠାରେ ଇନ୍‌କ୍ୟୁବେସନ୍ ମଡ୍ୟୁଲ୍, ଅର୍ଦ୍ଧସଜ୍ଜିତ କଞ୍ଚାମାଲ୍ ଇନ୍‌କ୍ୟୁବେସନ୍ ସ୍ଥାନ, ନେଟ୍‌ୱର୍କ ଅପରେସନ୍ ସେଣ୍ଟର ରହିଛି । ମାତ୍ର ଆମ୍ବପୁଆରେ ଆଇଟି ପାର୍କ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସେହିଭଳି ବିଧାୟକ ସହରର ସାପୁଆ ନାଳ ଓ ବାହାନା ନାଳ ପାଇଁ ଏସ୍‌ଟିପି ସହିତ ଏକ ସମନ୍ୱିତ ଡ୍ରେନେଜ୍ ସିଷ୍ଟମ୍ କାର୍ଯ୍ୟକାରୀ କରିବା ସଂକ୍ରାନ୍ତରେ ପ୍ରଶ୍ନ କରିଥିବାବେଳେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଉତ୍ତରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସମନ୍ୱିତ ଡ୍ରେନ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ପାଇଁ ଏକ ମାଷ୍ଟର୍ ପ୍ଲାନ୍ ଡ଼ିପିଆର୍ ସକାଶେ ଟେଣ୍ଡର ଆହ୍ୱାନ୍ କରାଯାଇ କାର୍ଯ୍ୟାଦେଶ ଦିଆଯାଇଛି । ଏହାର ଡିପିଆର୍ ଫେବୃଆରୀ ୨୦୨୬ ଶେଷ ସୁଦ୍ଧା ସାରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜଳ ନିକାଶ ବିଭାଜନ ଅଧୀନରେ ଥିବା ସାପୁଆ ନାଳ ଓ ଏହାର ଶାଖା ନାଳର ଉନ୍ନତିକରଣ ପାଇଁ ୬୩୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ସେହିପରି ବାହାନା ନାଳ ଓ ଏହାର ଶାଖା ନାଳର ସଫେଇ ଓ କଂକ୍ରିଟ୍ ପ୍ରାଚୀର ପାଇଁ ୯୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଶୀତଳାପଲ୍ଲୀ ଠାରେ ପ୍ରସ୍ତାବିତ ଏମ୍‌ଏସ୍‌ଏମ୍‌ଇ ପାର୍କର ସ୍ଥିତି ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିବା ବେଳେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଏଠାରେ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବନାହିଁ । ମନ୍ତ୍ରୀ କହିଛନ୍ତି ଏମ୍‌ଏସ୍‌ଏମ୍‌ଇ ବିଭାଗ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମଲ୍ଟି ପ୍ରଡ଼କ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କର ବିକାଶ ପାଇଁ ମଲ୍ଟି ପ୍ରଡ଼କ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ନାମରେ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ୍ ବରପଲ୍ଲୀ ଠାରେ ୪୦ ଏକକ ଜମିରେ ଏମ୍‌ଏସ୍‌ଏମ୍‌ଇ ପାର୍କ କରାଯାଉଛି । ଜାତୀୟ ରାଜପଥରେ ଗାଇଗୋରୁଙ୍କ ଦୁର୍ଘଟଣା ପ୍ରତିକାର ପାଇଁ ପଦକ୍ଷେପ ନେବେ କି ବୋଲି ବିଧାୟକ ପ୍ରଶ୍ନ କରିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଦୁର୍ଘଟଣାରେ ଗୋ ସମ୍ପଦର କ୍ଷତିକୁ ନିରୋଧ କରିବା ପାଇଁ ଏନ୍‌ଏଚ୍‌ଏଆଇ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀ ସମ୍ପଦ, ପରିବହନ ଆଦି ବିଭାଗକୁ ନେଇ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ଏଥିରେ ଏକ ସମନ୍ୱିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଉଛି । ବୁଲା ଗାଇଗୋରୁଙ୍କୁ ଗୋଶାଳାରେ ଥଇଥାନ କରିବା, ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ କରି ବାଡ଼ ଦେବା ସହିତ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ନିଷ୍ପତି ନିଆଯାଇଛି । ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟ ଅନୁଯାୟୀ ଗାଇଗୋରୁଙ୍କ ଶିଂଘ/ବେକରେ ରେଡ଼ିୟମ୍ ପଟି ଲଗାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ସିମ୍ଫୋନି ପକ୍ଷରୁ ଶାରଦୀୟ ସାହିତ୍ୟ ଆସର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ଦିଗରେ କାର୍ଯ୍ୟରତ "ସିମ୍ଫୋନି" ପକ୍ଷରୁ ଶାରଦୀୟ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । "ଦଶ'ରା ଦରବାର -ସଜ କବିତା ଓ ଗଜୁରା ଗପର" ଶୀର୍ଷକ ଏହି ସ୍ୱତନ୍ତ୍ର ସାରସତ୍ୱ ଉତ୍ସବରେ ଉଭୟ ନବ ପ୍ରଜନ୍ମର ଯୁବ ସୃଜନ ସ୍ରଷ୍ଟାଙ୍କ ସହିତ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରବୀଣ ଓ ବରିଷ୍ଠ ସାହିତ୍ୟିକମାନେ ଏକାଠି ହୋଇଥିଲେ । ଅଧ୍ୟାପକ ଡ଼. ଗିରିଜା ଶଙ୍କର ଦାସଙ୍କ ସଞ୍ଚାଳନାରେ ଗାଳ୍ପିକା ଲିଜା ପଣ୍ଡା, କବିତା ମୁଦୁଲି ପ୍ରମୁଖ ଗଳ୍ପ ପାଠ କରିଥିଲେ । ସେହିପରି ରଞ୍ଜନ କୁମାର ବାଇ, ଅଜୟ କୁମାର ପାତ୍ର, ପୂଜାଶ୍ରୀ ସେଠୀ, ଗୋଲାପ ରାଉତ, ଶୁଭାଂଶୁ କୁମାର ଦାସ, ଶ୍ରୀଧର ମହାନ୍ତି ପ୍ରମୁଖ କବିତା ପାଠ କରିଥିବାବେଳେ ବିଶିଷ୍ଟ ଗବେଷକ ଓ ସାହିତ୍ୟିକ ନିରଞ୍ଜନ ମେକାପ୍ ଶାରଦୀୟ ଅବକାଶ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ । ଏହା ପରେ ସିମ୍ଫୋନିର ସମ୍ପାଦକ ଅଧ୍ୟାପକ ଡ଼. ବିନାୟକ ପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଶାରଦୀୟ ସାହିତ୍ୟ ସମ୍ପର୍କିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ କବି ତଥା ଅଧ୍ୟାପକ ବୃନ୍ଦାବନ ଦାସ, ସାହିତ୍ୟିକ ଅଲେଖ ଚନ୍ଦ୍ର ଦାସ ଶାରଦୀୟ ସାହିତ୍ୟ ଓ ପାଠକୀୟ ସଙ୍କଟ ସମ୍ପର୍କିତ ସେମାନଙ୍କ ମତ ଉପସ୍ଥାପିତ କରିଥିଲେ । ଉକ୍ତ ଆସରରେ ନିଜ ଜୀବନ କାଳର ଦୀର୍ଘ ଚାରିଦଶନ୍ଧି ଓଡ଼ିଆ ସାହିତ୍ୟର ଉଭୟ ସୃଜନ ଓ ସାଙ୍ଗଠନିକ ବିକାଶରେ ଉଲ୍ଲେଖନୀୟ ଯୋଗଦାନ ରଖିଥିବା ବର୍ଷିଆନ୍ ସୁସାହିତ୍ୟିକ ଓ ଅନୁବାଦକ ସୁରେନ୍ଦ୍ର ପଳେଇଙ୍କୁ ସାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବକୁ ସିମ୍ଫୋନିର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପରିଚାଳନା କରିଥିଲେ । ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟକ ବାବାଜୀ ଚରଣ ପ୍ରତିହାରୀ, କେମ୍‌ର ସମ୍ପାଦକ ଏମ୍‌ଡି ଜାହିଦ୍ ଖାନ୍, ସରୋଜକାନ୍ତ ସାହୁ,ରାଜେନ୍ଦ୍ର ମହାପାତ୍ର, କ୍ଷୀରୋଦ କୁମାର କର ଓ ଜାଗରୁକ ସାହିତ୍ୟ ପ୍ରତିଷ୍ଠାନର ସଭାପତି ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ସିମ୍ଫୋନିର କୋଷାଧ୍ୟକ୍ଷ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ

**ଜଟଣୀ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ରାଜଧାନୀ ଉପକଣ୍ଠ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଦୀପ ତଳ ଅନ୍ଧାର ଭଳି । ଏଠାରେ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ଭଳି ଅନେକ ପଦବୀ ଫାଙ୍କା ପଡ଼ିଛି । ଏହା ଅଧୀନରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସମାନ ସ୍ଥିତି । ଜଟଣୀ ନିର୍ବାଚନ ମଣ୍ଡଳୀର ୩୧ଟି ପଞ୍ଚାୟତରୁ ମୁଖ୍ୟତଃ ୧୫ଟି ପଞ୍ଚାୟତର ଲୋକେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ପ୍ରତିଦିନ ଏଠାକୁ ୩୦୦ରୁ ୪୦୦ ରୋଗୀ ଆସିଥାନ୍ତି । ଅନେକ ରୋଗୀ ଆବଶ୍ୟକ ଭିତ୍ତିଭୂମି, ଯନ୍ତ୍ରପାତି ଓ ମାନବ ସମ୍ବଳ ଅଭାବ ଯୋଗୁ ନିରାଶ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍ ଓ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି । ଏହା ଅଧୀନରେ ୪ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର-ବେଣାପଞ୍ଜରୀ, ତରାବୋଇ, ରେତଙ୍ଗ ଓ ଯାଆଁଳାରେ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟତଃ ଏମ୍‌ବିବିଏସ୍ ଡାକ୍ତରଙ୍କ ସମେତ ୨୧ଟି ପଦବୀ ରହିଛି । ସେଥିରୁ ୧୧ଟି ପଦବୀ ପୂରଣ ହୋଇଥିବା ବେଳେ ଆଉ ୧୦ଟି ପଦବି ଫାଙ୍କା ପଡିଛି । ୧୫ଟି ଏମ୍‌ବିବିଏସ୍ (ଏଲଟିଆରଏମ୍) ପଦବୀରେ ୭ଜଣ ଡାକ୍ତର ଥିବାବେଳେ ୪ଟି ସ୍ପେସାଲିଷ୍ଟ ପଦବୀରେ ଦୁଇ ଜଣ ଅଛନ୍ତି, ସେଥିରୁ ପୁଣି ଜଣେ ଠିକାରେ ଅଛନ୍ତି । ତେବେ ସର୍ଜରୀ ସ୍ପେସାଲିଷ୍ଟ ବିଭାଗରେ ଗୋଟେ ପଦବୀରେ ଜଣେ ଠିକାରେ ଅଛନ୍ତି । ସେହିପରି ଶିଶୁ ବିଭାଗରେ ସ୍ପେସାଲିଷ୍ଟ ପଦବୀ ଫାଙ୍କା ରହିଛି । ଭେଷଜ (ମେଡିସିନ୍) ବିଭାଗରେ ଗୋଟେ ପଦବୀ ରହିଛି, ଠିକାରେ ଜଣେ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟ କରୁଥିଲେ କିନ୍ତୁ ତାଙ୍କର ଅନ୍ୟତ୍ର ବଦଳି ହୋଇଯାଇଛି । ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଡାକ୍ତର ଅଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟକେନ୍ଦ୍ରରେ ଷ୍ଟାଫ୍ ନର୍ସ ପଦବୀ ୧୧ଟି ରହିଥିବାବେଳେ ୭ଜଣ ଏଠାରେ କାମ କରୁଛନ୍ତି । ଅନ୍ୟମାନେ ବିଏମ୍‌ସିରେ ଡେପୁଟେସନ୍‌ରେ ଅଛନ୍ତି । ଫାର୍ମାସିଷ୍ଟ ୩ଟି ପଦବୀରୁ ଦୁଇ ଜଣ ଅଛନ୍ତି । ସେହିପରି ଲାବ୍ରୋଟୋରୀ ଟେକ୍ନିସିଆନ୍ ୩ଟି ପଦବୀରୁ ୩ ଜଣ ଥିବାବେଳେ ଜଣେ ବିଏମ୍‌ସିରେ ଡେପୁଟେସନ୍‌ରେ ନିୟୋଜିତ ଅଛନ୍ତି । ଆଟେଣ୍ଡାଣ୍ଟ ୪ଟି ପଦବୀରୁ ଜଣେ ରେଗୁଲାର ଭାବେ ନିୟୋଜିତ ଥିବାବେଳେ ଆଉ ୩ ଜଣ ଠିକାରେ କାର୍ଯ୍ୟ କରୁଛନ୍ତି । ଏ ନେଇ ଡା ଜିତେନ୍ଦ୍ର କୁମାର ପଣ୍ଡା କହିଛନ୍ତି ଯେ, ବ୍ଲକଗ୍ୱାରି ଯାହା ସୁବିଧା ମିଳିବା କଥା ଏଠାରେ ମିଳୁଛି । ହସ୍ପିଟାଲ୍‌ରେ ଯାହା ସମସ୍ୟା ହେଉଛି ସବୁ ମାସରେ ରିପୋର୍ଟ ଯାଉଛି । ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ୍ସ-ରେ ମେସିନ୍‌ର ଆବଶ୍ୟକତା ରହିଥିବା ବେଳେ ଗାଇନିଂ ଓ ମେଡିସିନ୍ ସ୍ପେଶାଲିଷ୍ଟର ଆବଶ୍ୟକତା ରହିଛି ।

# ଲୋପ ପାଇବାକୁ ବସିଲାଣି କଂସା ବାସନ ଶିଳ୍ପ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ ସଦର ବ୍ଲକ ଚନ୍ଦ୍ରଶେଖର ପ୍ରସାଦ ପଞ୍ଚାୟତ ଅଉଖମା ଗ୍ରାମ, ଓଡ଼ାପଡ଼ା ବ୍ଲକର ଇନ୍ଦୁପୁର ଗ୍ରାମ ଏବଂ ଏସିଆ ମହାଦେଶର ବୃହତମ ଗ୍ରାମ ଭାବେ ସୁପରିଚିତ ଭୁବନ ଗ୍ରାମରେ ଦିନେ ଏଠି ୨୦୦ରୁ ଅଧିକ କଂସାରୀ ଶାଳ ରହିଥିଲା । ପ୍ରତ୍ୟେକ ଶାଳରେ ୫ରୁ ଅଧିକ କାରିଗର ମେଳିହୋଇ କଂସା ବାସନ ତିଆରି କରୁଥିଲେ । ଗ୍ରାମରେ ପଶିଲେ ଆଉ ଶୁଭିବାକୁ ମିଳୁନି କାରିଗରଙ୍କ ଢାଇଁ ଢାଇଁ ଶବ୍ଦ । କଞ୍ଚାମାଲ୍ ଅଭାବ ଯୋଗୁ ବୁଡ଼ିବାକୁ ବସିଲାଣି ଏବେ କୌଳିକ ବୃତ୍ତି । ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଗଲେ କୌଳିକ ବୃତ୍ତି ବଞ୍ଚାଇବାରେ ସହାୟକ ହୋଇପାରନ୍ତା । ୧୯୫୩ ମସିହା ଅଗଷ୍ଟ ୧ ତାରିଖରେ କଂସା ବାସନ ସମବାୟ ସମିତି ଓ ପରେ ୧୯୭୫ ମସିହାରେ ନୂଆ ଭୁବନ କଂସା ପିତ୍ତଳ ସୋସାଇଟି ଗଠନ ହୋଇଥିଲା । ପରେ ପରେ କଂସା ବାସନ ବିକ୍ରୀ କରିବାରେ ସୁଧାର ଆସିଥିଲା । ସୁଦୂର କଲକତା ଓଡ଼ିଶାର ବାଲକାଟି, କଣ୍ଟିଲୋ, ଭଟିମୁଣ୍ଡା ଓ କବାଟବନ୍ଧ ଆଦି ସ୍ଥାନରୁ କଞ୍ଚାମାଲ



ଆସୁଥିବା ବେଳେ ସମବାୟ ସମିତି ଓ ସୋସାଇଟିରୁ ମଧ୍ୟ କିଛିଟା ମାତ୍ରାରେ କଞ୍ଚାମାଲ ମିଳିଯିବାରୁ ଏହି ଶିଳ୍ପରେ କୌଣସି ସମସ୍ୟା ନଥିଲା । ହେଲେ ଧିରେ ଧିରେ ସେମାନଙ୍କ ସ୍ଥିତି ବଦଳିଗଲା । ଏବେ କାରିଗରଙ୍କ ଢାଇଁ ଢାଇଁ ଶବ୍ଦ ଶୁଣାଯାଉନି କି ଆଗଭଳି କଂସା ବାସନ ତିଆରି ହେଉନି । ୧୯୮୭ ମସିହା ଘରପୋଡ଼ି ପରେ ପାଖାପାଖି ୮୦ଟି କଂସାରୀ ଶାଳ ବନ୍ଦ ହେବା ସହ ଧୀରେ ଧୀରେ ଚାଇନା ପ୍ଲେଟ୍, ଫାଇବର ଓ ଷ୍ଟିଲ୍ ଏହି ଶିଳ୍ପ ପାଇଁ ପ୍ରତିବନ୍ଧକ ପାଲଟିଲା । ସମବାୟ ସମିତି ଓ ସୋସାଇଟି ମଧ୍ୟ ସମାନୁକ୍ରମେ ବନ୍ଦ ହୋଇଗଲା । ଫଳରେ ନିଆଁ ସହିତ ଖେଳକରି ଅତି ଯତ୍ନରେ ପ୍ରସ୍ତୁତ କରୁଥିବା କଂସା ବାସନ ଗୁଡ଼ିକୁ ବିକ୍ରୀ କରିବାରେ ସେମାନଙ୍କ ପାଇଁ ସମସ୍ୟା ଉପୁଜିଲା । ଧିରେ ଧିରେ କଞ୍ଚା ମାଲ୍ ଅଭାବ ପାଇଁ ବୋଝ ଉପରେ ଲଳିତାବିଡା ସଦୃଶ ପାଲଟିଲା । ଭୁବନ ଅଞ୍ଚଳରେ ୨୦୦ରୁ ଉର୍ଦ୍ଧ୍ୱ ଶାଳରେ କଂସା ବାସନ ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ବର୍ତ୍ତମାନ ୫ରୁ ୬ଟି ଶାଳରେ ଦୁଃଖ କଷ୍ଟରେ କାରିଗରମାନେ କାମ କରୁଛନ୍ତି । ଭୁବନ କଂସା ବାସନ ନିର୍ମାଣ କାର୍ଯ୍ୟ ବନ୍ଦ ହେବାକୁ ଯାଉଥିବାବେଳେ ସରକାରୀ ପ୍ରୋତ୍ସାହନ ମିଳିଲେ, ଏହାକୁ ବୃଦ୍ଧି କରିହେବ ବୋଲି କାରିଗରମାନେ କହିଛନ୍ତି । ତେବେ ସମୟକୁ ଅପେକ୍ଷା ରହିଲା କେତେ ଶିଘ୍ର ଏ କଂସା ବାସନ ଶିଳ୍ପ ସୁସ୍ଥ ହୋଇପାରୁଛି ।

# ଆଦିକର୍ମଯୋଗୀ ଅଭିଯାନରେ ସ୍ୱତନ୍ତ୍ର ଗ୍ରାମସଭା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଚନ୍ଦିଆ ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନର ଏକ ସ୍ୱତନ୍ତ୍ର ଗ୍ରାମସଭା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଯାଇଛି । ଯାଜପୁର ଜିଲ୍ଲାର ୬୮ଗୋଟି ଆଦି କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ଗ୍ରାମ କାର୍ଯ୍ୟ ଯୋଜନା ସ୍ୱତନ୍ତ୍ର ଗ୍ରାମସଭାରେ ପାରିତ ହୋଇଛି । ଏହି ଗ୍ରାମସଭାର ଉଦ୍ଦେଶ୍ୟ ଜନଜାତୀୟ ଅଞ୍ଚଳର ସାମାଜିକ ଏବଂ ଆର୍ଥିକ ପରିବର୍ତ୍ତନ । ଏହାର ଲକ୍ଷ୍ୟ କେବଳ ଯୋଜନା ପହଞ୍ଚରେ ସୀମିତ ନୁହେଁ ଏହାର ଉଦ୍ଦେଶ୍ୟ ଜନଜାତୀୟ ଅଞ୍ଚଳରେ ସରକାରୀ ସେବାକୁ ପହଞ୍ଚାଇବା । ଗ୍ରାମସ୍ତରରେ ଜନମୁଖୀ ପ୍ରଶାସନକୁ ସ୍ଥାପନ କରିବା । ପ୍ରତ୍ୟେକ ପରିବାରକୁ ସରକାରୀ ସୁବିଧା ପହଞ୍ଚାଇବା ଜନଜାତୀୟ ଅଞ୍ଚଳରେ ସଚେତନତା ଓ ଆଶାର ପ୍ରେରକ ହେବା ଉଦ୍ଦେଶ୍ୟରେ ଏହି ଗ୍ରାମସଭାର ଆୟୋଜନ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟର ଅନୁଶାସନ ସଚିବ ତଥା ଜିଲ୍ଲା ପ୍ରଭାରୀ ରମେଶ ଚାନ୍ଦ ଚନ୍ଦ୍ରୱାଲା, ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଦାନଗଦି ବ୍ଲକର ଚନ୍ଦିଆ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ରହି ଦିଗ୍‌ଦର୍ଶନ ଦେଇଥିଲେ । ସଭାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ୍ତ କୁମାର ସେଠୀ, ସରପଞ୍ଚ ଚନ୍ଦିଆ ଗ୍ରାମପଞ୍ଚାୟତ ଓ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆମ ବସ୍:ପୁରୀ ଯାତ୍ରୀଙ୍କୁ ମିଳୁନି ପାସ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

'ଆମ ବସ୍' ସେବାରେ ନିୟମିତ ଯାତ୍ରୀଙ୍କ ପାଇଁ କ୍ରୁଟ୍ ପକ୍ଷରୁ ପାସ୍ ବ୍ୟବସ୍ଥା ରହିଛି । ନିୟମିତ ଯାତ୍ରୀମାନେ ଏହି ସୁବିଧା ଯୋଗୁ କିଛି କମ୍ ଖର୍ଚ୍ଚରେ ସେବା ପାଉଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ପୁରୀ-ଭୁବନେଶ୍ୱର ନିୟମିତ ଆମ ବସ୍ ଯାତ୍ରୀଙ୍କୁ ପାସ୍ ସୁବିଧା ମିଳିନି । ଏଣୁ ପୁରୀରୁ ନିୟମିତ ଭୁବନେଶ୍ୱରକୁ ଯା'ଆସ କରୁଥିବା ଯାତ୍ରୀମାନେ ପାସ୍ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଡିଜେଲ୍, ଇ- ବସ୍ ଠାରୁ ଆରମ୍ଭ କରି ପୁରୀକୁ ଡବଲ୍ ଡେକର୍ ବସ୍ ଚାଲୁଛି । ଏହା ସତ୍ତ୍ୱେ ପୁରୀର ନିୟମିତ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରାଯାଉନଥିବାରୁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କ୍ରୁଟ୍ କର୍ତ୍ତୃପକ୍ଷଙ୍କ ସୂଚନା ମୁତାବକ, ଯାତ୍ରୀଙ୍କ ପାଇଁ ସିଟି ପାସ୍, ଲଙ୍ଗ୍ ରୁଟ୍ ପାସ୍ ଓ ମ୍ୟାଜିକ୍ ପାସ୍, ଏଭଳି ତିନି ପ୍ରକାର ପାସ୍ ଉପଲବ୍ଧ କରାଯାଇଛି । ୩୦ ଟଙ୍କା ପର୍ଯ୍ୟନ୍ତ ଯାତ୍ରୀ ଭଡ଼ା ଉପରେ ସିଟି ପାସ୍ ବ୍ୟବସ୍ଥା କରାଯାଇଛି । ଏହି ପାସ୍ ୬ରୁ ୧୨୦ଟି ଯାତ୍ରା ଉପରେ ରହିଛି, ପାସ୍ ଦର ୪୦ ଟଙ୍କାରୁ ୭୫୦ ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିଭଳି ୨୦୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ଉପରେ ଲଙ୍ଗ୍ ରୁଟ୍ ପାସ୍ ଇସ୍ୟୁ କରାଯାଉଛି ଏବଂ ପାସ୍ ଦର ୧୮୦ ଟଙ୍କାରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି । ଯାତ୍ରୀ ୩ ଥରରୁ ଆରମ୍ଭ କରି



୬୦ ଥର ଯାତ୍ରା ପାଇଁ ଏହି ପାସ୍ ବ୍ୟବହାର କରିପାରିବାର ବ୍ୟବସ୍ଥା ରହିଛି । ସେହିଭଳି ମ୍ୟାଜିକ୍ ପାସ୍ ୫୦ ଟଙ୍କା ପର୍ଯ୍ୟନ୍ତ ଯାତ୍ରୀ ଭଡ଼ା ଉପରେ ଇସ୍ୟୁ କରାଯାଉଛି । ଏହି ପାସ୍ ଦର ୧୨୦ ଟଙ୍କାରୁ ୧୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଯାତ୍ରୀମାନେ ୬ ଥରରୁ ଆରମ୍ଭ କରି ୯୦ ଥର ପର୍ଯ୍ୟନ୍ତ ଏହି ପାସ୍‌ରେ ଯାତ୍ରା କରିପାରିବେ । ଭୁବନେଶ୍ୱର, କଟକ ଆଦି ଅଞ୍ଚଳରେ ଏହି ପାସ୍ ବ୍ୟବସ୍ଥା ଲାଗୁ ହୋଇସାରିଲାଣି । କିନ୍ତୁ ଭୁବନେଶ୍ୱର ସହ ଏକକାଳୀନ ପୁରୀରେ ଆମ ବସ୍ ସେବା ଆରମ୍ଭ ହୋଇଥିଲେ ବି ପୁରୀ ଯାତ୍ରୀଙ୍କ ପାଇଁ ପାସ୍ ବ୍ୟବସ୍ଥା କରାଯାଇନି । ପୁରୀ ଯାତ୍ରୀଙ୍କ ପାଇଁ କ୍ରୁଟ୍ କର୍ତ୍ତୃପକ୍ଷ ପାତରଅନ୍ତର କରୁଛନ୍ତି ବୋଲି ଅଭିଯୋଗ ହେଉଛି । କେବଳ ସେତିକି ନୁହେଁ, ପୁରୀକୁ ଯେଉଁ 'ଆମ ବସ୍' ଯାତ୍ରା କରୁଛି, ତାହାର କର୍ମଚାରୀଙ୍କ ବ୍ୟବହାରକୁ ନେଇ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ଯାତ୍ରୀଙ୍କୁ ଆମ ବସ୍ କର୍ମଚାରୀମାନେ ବଡ଼ କଦର୍ଯ୍ୟ ବ୍ୟବହାର କରୁଛନ୍ତି ବୋଲି ଯାତ୍ରୀମାନେ ଅଭିଯୋଗ କରିଛନ୍ତି । କିନ୍ତୁ ପୁରୀ ଯାତ୍ରୀଙ୍କ ଅଭିଯୋଗକୁ ଅନୁଧ୍ୟାନ କରାଯାଉନି କି ଆବଶ୍ୟକ ପଦକ୍ଷେପ ନିଆଯାଉନି । ପରିଣାମ ସ୍ୱରୂପ ଆମ ବସ୍‌ର ଯାତ୍ରୀ ସଂଖ୍ୟା ବଢୁନି । ଆୟ ବି ବୃଦ୍ଧି ପାଉନି । ସେହିଭଳି ଯାତ୍ରୀଙ୍କ ସୂଚନା ପାଇଁ ବସ୍ ଭିତରେ ଲାଗିଥିବା ଡିଜିଟାଲ୍ ସୂଚନା ଫଳକ ବହୁ ସମୟରେ ବନ୍ଦ ରହୁଛି । କେଉଁ ବସ୍‌ଷ୍ଟପ୍‌ରେ ଯାତ୍ରୀ ଅଛନ୍ତି ଓ ପରବର୍ତ୍ତୀ କେଉଁ ବସ୍‌ଷ୍ଟପ୍ ଆସୁଛି, କେତେ ସମୟ ପହଞ୍ଚିବାକୁ ଲାଗିବ, କେତେ ସମୟ ହୋଇଛି, ସେସବୁର ବିବରଣୀ ଡିଜିଟାଲ୍ ଫଳକରେ ଉଲ୍ଲେଖ ରହିଛି । ଏଥିସହ ସୂଚନା ପ୍ରଦାନ ପାଇଁ ବସ୍ ଭିତରେ ଅଡିଓ ବକ୍ସ ଫିଟିଂ କରାଯାଇଛି । କିନ୍ତୁ ଚାଳକମାନେ ଏହାକୁ ନିୟମିତ ବନ୍ଦ ରଖୁଛନ୍ତି । ଏଣୁ ଯାତ୍ରୀମାନେ ଓହ୍ଲାଇବା ବେଳେ ଦ୍ୱନ୍ଦ୍ୱରେ ପଡୁଛନ୍ତି ।

# ସମସ୍ୟା ଘେରରେ ବାଙ୍କମୁଆ ପ୍ରାଥମିକ ବିଦ୍ୟାଳୟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ନାନା ସମସ୍ୟା ଘେରରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଶିକ୍ଷାମଣ୍ଡଳ ଅଧିନ ନାନ୍ଦପୁର ପଞ୍ଚାୟତ ବାଙ୍କମୁହାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ । ବିଦ୍ୟାଳୟ ସମସ୍ୟା ଓ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକ ଭେଟିଛନ୍ତି ଶିକ୍ଷାଧିକାରୀଙ୍କୁ । ସୂଚନା ଅନୁଯାୟୀ ବାଙ୍କମୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଯାଏ ୬ଟି ଶ୍ରେଣୀର ୩୮ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ହେଲେ ଅଫିସ କାମ ଓ ପାଠ ପଢ଼ାଇବା ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷୟିତ୍ରୀ । ଯାହାକୁ



ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରଛାତ୍ରୀ ମାନେ ଭଲରେ ପାଠ ପଢିବା ତ ଦୂରର କଥା ଗୋଟିଏ ଶ୍ରେଣୀଗୃହରେ ବସୁଥିବାରୁ ନିଜନିଜ ଭିତରେ ମାରପିଟ୍ ଲାଗୁଛନ୍ତି । ଜଣେ ଶିକ୍ଷୟିତ୍ରୀ ବିଭିନ୍ନ ଅଫିସ କାମରେ ବ୍ୟସ୍ତ ରହୁଥିବାରୁ ପିଲାମାନେ ମଧ୍ୟ ସ୍କୁଲ୍ ବାହାରେ ବୁଲୁଛନ୍ତି । ପୂର୍ବରୁ ୨ଜଣ ଶିକ୍ଷୟିତ୍ରୀ ରହିଥିଲେ । ହେଲେ ଜଣେ ଶିକ୍ଷୟିତ୍ରୀଙ୍କର ଜୁଲାଇ ମାସରେ ଅବସର ନେବାରୁ ତାଙ୍କ ସ୍ଥାନରେ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଖାଲିପଡିଛି । ସେହିପରି ବିଦ୍ୟାଳୟ ନଳକୂପ ଅଚଳ ହୋଇଯାଇଥିବାରୁ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି ଛାତ୍ରଛାତ୍ରୀ । ଫଳରେ ବାଧ୍ୟ ହୋଇ ନିକଟରେ ଥିବା ପୋଖରୀର ଦୂଷିତ ପାଣି ପିଉଛନ୍ତି । ସେହିପରି ମଧ୍ୟାହ୍ନ ଭୋଜନ ମଧ୍ୟ ଉକ୍ତ ପୋଖରୀ ପାଣିରେ ପ୍ରସ୍ତୁତ ହେଉଛି । ତାହା ସହ ବିଦ୍ୟାଳୟରେ ପ୍ରାଚେରୀ ନଥିବାରୁ ଗାଇ, ଗୋରୁ ଷଣ୍ଢ ସ୍କୁଲ ହତା ଭିତରେ ରହୁଥିବାରୁ ଅପରିଷ୍କାର କରୁଛନ୍ତି । ବିଦ୍ୟାଳୟରେ ଶ୍ରେଣୀଗୃହ ଖାଲୁଆ ସ୍ଥାନରେ ଥିବାରୁ ସାମାନ୍ୟ ବର୍ଷା ଓ ବନ୍ୟା ହେଲେ ଶ୍ରେଣୀଗୃହରେ ବର୍ଷାପାଣି ଲହଡ଼ି ମାରିବାରୁ ଦିନ ଦିନ ଧରି ବନ୍ଦ ରହୁଛି ବିଦ୍ୟାଳୟ । ତେଣୁ ଯଥାଶୀଘ୍ର ଜଣେ ନୂତନ ଶିକ୍ଷକ ସହ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଅଭିଭାବକମାନେ ଜିଲ୍ଲା ପ୍ରଶାସନ ଓ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି ।

**ପାରା ଆଥଲେଟିକ୍ସ ବିଶ୍ୱ ଚାମ୍ପିଅନସିପ୍**

# ରୌପ୍ୟ ଜିତିଲେ ଏକତା, ସୋମନ ଏବଂ ବ୍ରୋଞ୍ଜ ପଦକ ଜିତିଲେ ପ୍ରବୀଣ




**ନୂଆଦିଲ୍ଲୀ**

ଚଳିତ ପାରା ଆଥଲେଟିକ୍ସ ବିଶ୍ୱ ଚାମ୍ପିଅନସିପ୍‌ର ଅଷ୍ଟମ ଦିବସରେ ଭାରତକୁ ଆଉ ୩ଟି ପଦକ ମିଳିଛି । ମହିଳା କ୍ଲବ୍ ଥ୍ରୋରେ ଏକତା ଭ୍ୟାନ ଓ ପୁରୁଷ ସଟ୍‌ପୁଟ୍‌ରେ ସୋମନ ରାଣା ରୌପ୍ୟ ଜିତିଥିବାବେଳେ ହାଇଜମ୍ପରେ ପ୍ରବୀଣ କୁମାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଚଳିତ ଚାମ୍ପିଅନସିପ୍‌ରେ ଭାରତର ପଦକ ସଂଖ୍ୟା ୧୮କୁ (୬ସ୍ୱର୍ଣ୍ଣ, ୭ରୌପ୍ୟ, ୫ବ୍ରୋଞ୍ଜ) ବୃଦ୍ଧି ପାଇଛି । ପାରା ଆଥଲେଟିକ୍ସ ବିଶ୍ୱ ଚାମ୍ପିଅନସିପ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ । ଗତ ସଂସ୍କରଣରେ ଭାରତ ମୋଟ ୧୭ଟି (୬ସ୍ୱର୍ଣ୍ଣ, ୫ରୌପ୍ୟ, ୬ ବ୍ରୋଞ୍ଜ) ପଦକ ଜିତିଥିଲା ।

ମହିଳା କ୍ଲବ୍ ଥ୍ରୋ (ଏଫ୍–୫୧) ଫାଇନାଲ୍‌ରେ ଏକତା ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୧୯.୮୦ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ହାସଲ କରିଥିଲେ । ସେ କ୍ରମାନ୍ୱୟରେ ତୃତୀୟ ବିଶ୍ୱ ଚାମ୍ପିଅନସିପ୍ ପଦକ ଜିତିଛନ୍ତି । ୟୁକ୍ରେନର ଜୋୟା ଓଭସି ୨୪.୦୩ମି. ସହ ସ୍ୱର୍ଣ୍ଣ ଏବଂ ରୁଷିଆର ଏକତେରିନା ପୋଟାପୋଭା ୧୮.୬୦ମି. ସହ ବ୍ରୋଞ୍ଜ ଜିତିଛନ୍ତି ।

ପୁରୁଷ ସଟ୍‌ପୁଟ୍ (ଏଫ୍–୫୭) ଫାଇନାଲ୍‌ରେ ସୋମନ ନିଜର ଚତୁର୍ଥ ପ୍ରୟାସରେ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ୧୪.୬୯ମି. ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ଇରାନର ୟାସିନ (୧୬.୬୦ମି.) ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ଏବଂ ଫିନ୍‌ଲାଣ୍ଡର ତେଇଜୋ କୋପିକ୍କା ୧୪.୫୧ମି. ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ପୁରୁଷ ହାଇଜମ୍ପ (ଟି–୬୪) ଫାଇନାଲ୍‌ରେ ପ୍ରବୀଣ ମଧ୍ୟ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ୨.୦୦ମି. ଜମ୍ପ କରି ତୃତୀୟ ସ୍ଥାନରେ ରହିଥିଲେ । ଉଜ୍‌ବେକିସ୍ତାନର ତେମୁରବେକ (୨.୦୩ମି.) ସ୍ୱର୍ଣ୍ଣ ଓ ବ୍ରିଟେନର ଜୋନାଥନ ବ୍ରୁମ–ଏଡୱାର୍ଡ ୨.୦୦ମି. ସହ ରୌପ୍ୟ ପଦକ ଜିତିଛନ୍ତି ।

# ମହିଳା ବିଶ୍ୱକପ : ପାକିସ୍ତାନକୁ ୮୮ ରନ୍‌ରେ ହରାଇଲା ଭାରତ



**କଲମ୍ବୋ**

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ମହିଳା କ୍ରିକେଟ୍ ବିଶ୍ୱକପ୍–୨୦୨୫ରେ ଭାରତୀୟ ଟିମ୍ ନିଜର ଦ୍ୱିତୀୟ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରିଛି । ଭାରତୀୟ ମହିଳା ଟିମ୍ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ପାକିସ୍ତାନ ବିପକ୍ଷରେ ଭାରତ ୮୮ ରନ୍‌ରେ ବିଜୟୀ ହୋଇଛି । କଲମ୍ବୋସ୍ଥିତ ଆର ପ୍ରେମଦାସା ଷ୍ଟାଡିୟମରେ ୨୪୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ପାକିସ୍ତାନ ୪୩ ଓଭରରେ ସମସ୍ତ ୱିକେଟ୍ ହରାଇଛି । ପାକିସ୍ତାନ ଟିମ୍ ୧୫୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇପାରିଛି ।

ବ୍ୟାଟିଂ ପରେ ଭାରତୀୟ ଟିମ୍ ବୋଲିଂ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛି । କ୍ରାନ୍ତି ଗେଡ଼ ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ସ୍ନେହ ରାଣାଙ୍କୁ ୨ଟି ୱିକେଟ୍ ମିଳିଥିଲା । ପାକିସ୍ତାନ ପାଇଁ ସିଦ୍ରା ଅମିନ ବ୍ୟକ୍ତିଗତ ଭାବେ ସର୍ବାଧିକ ୮୧ ରନ୍ ସଂଗ୍ରହ କରିଥିଲେ । ସେ ୧୦୬ଟି ବଲ୍ ଖେଳି ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ ।

ଏହି ମ୍ୟାଚରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ସମସ୍ତ ୱିକେଟ୍ ହରାଇ ୨୪୭ ରନ୍ ସଂଗ୍ରହ କରିଥିଲା । ପାକିସ୍ତାନୀ ଅଧିନାୟକ ଫାତିମା ସନା ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ । ଫଳରେ ଭାରତ ବ୍ୟାଟିଂ କରିଥିଲା ।

ଭାରତୀୟ ଷ୍ଟାର କ୍ରିକେଟର ହର୍ଲିନ ଦେଓଲ ୬୫ଟି ବଲ୍ ଖେଳି ୪ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୪୬ ରନ୍ ସଂଗ୍ରହ କରିଥିଲେ । ହରମନପ୍ରୀତ କୌର ୧୯ ରନ୍, ଜେମିମା ରୋଡ୍ରିଗଜ ୩୨ ରନ, ଦୀପ୍ତି ଶର୍ମା ୨୫ ରନ, ସ୍ନେହ ରାଣା ୨୦ ରନ୍ ଓ ରିଚା ଘୋଷ ଅପରାଜିତ ୩୫ ରନ୍ ସଂଗ୍ରହ କରିଥିଲେ ।

ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା ଭାରତର ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ସଂଗ୍ରହ କରିଥିଲେ । ମନ୍ଧାନା ପ୍ରଥମେ ପାକିସ୍ତାନର ଶିକାର ହୋଇଛନ୍ତି । ସେ ପଡ଼ିଆ ଛାଡ଼ିବା ପୂର୍ବରୁ ଫତିମା ସାନାଙ୍କ ବଲ୍‌ରେ ଏଲ୍‌ବିଡବ୍ଲୁ ଆଉଟ୍ ହୋଇଛନ୍ତି । ମନ୍ଧାନା ୩୨ଟି ବଲ୍ ଖେଳି ୨୩ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ୪ଟି ଚୌକା ସାମିଲ ଥିଲା । ଭାରତ ନିଜର ସ୍କୋର ୬୭ ରନ୍ ଥିବା ବେଳେ ପ୍ରତୀକା (୩୧ ରନ୍)ଙ୍କୁ ହରାଇ ଥିଲା । ସେ ୩୭ଟି ବଲ୍ ସାମ୍ନା କରି ୫ଟି ଚୌକା ମାରିଥିଲେ ।

# ପୂର୍ବତନ ପାକିସ୍ତାନୀ କ୍ରିକେଟର ମାଗୁଛନ୍ତି ଭାରତର ନାଗରିକତା



**ନୂଆଦିଲ୍ଲୀ**

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତର ଅପରେସନ ସିନ୍ଦୂର ପାକିସ୍ତାନରେ ହଇଚଇ ସୃଷ୍ଟି କରିଥିଲା । ଭାରତୀୟ ସୈନିକମାନେ ପାକିସ୍ତାନରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିଦେଇଥିଲେ । ଏହି ସମୟରେ, ୨୦୨୫ଏସିଆ କପ ସମୟରେ, ଭାରତୀୟ ଖେଳାଳିମାନେ ହାତ ମିଳାଇବାକୁ ମନା କରି ପାକିସ୍ତାନକୁ ସର୍ବସାଧାରଣରେ ଅପମାନିତ କରିଥିଲେ । ତା'ପରେ, ସେମାନେ ଫାଇନାଲରେ ମୋହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ମନା କରି ତାଙ୍କ ମୁହଁରେ ଚାପୁଡ଼ା ମାରିଥିଲେ ।

ଏସବୁ ମଧ୍ୟରେ ଜଣେ ପୂର୍ବତନ ପାକିସ୍ତାନୀ କ୍ରିକେଟରଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ଭାଇରାଲ ହୋଇଛି । ଏହି ପୋଷ୍ଟରେ, ପୂର୍ବତନ ପାକିସ୍ତାନୀ କ୍ରିକେଟର ଭାରତକୁ ତାଙ୍କର ମାତୃଭୂମି ବୋଲି ବର୍ଣ୍ଣନା କରିଥିଲେ ଏବଂ 'ଜୟ ଶ୍ରୀ ରାମ' ସହିତ ପୋଷ୍ଟ ଶେଷ କରିଥିଲେ । ଏସବୁ ସତ୍ତ୍ୱେ, ପୂର୍ବତନ କ୍ରିକେଟର ବଜାୟ ରଖିଥିଲେ ଯେ ସେ ଭାରତୀୟ ନାଗରିକତା ଚାହୁଁନାହାଁନ୍ତି । ପୂର୍ବତନ ପାକିସ୍ତାନୀ କ୍ରିକେଟର ଦାନିଶ କାନେରିଆ ଶନିବାର ସ୍ପଷ୍ଟ କରିଛନ୍ତି ଯେ ସେ ଭାରତୀୟ ନାଗରିକତା ଚାହୁଁନାହାନ୍ତି । ଏହା ଗୁଜବର ଅନ୍ତ ଘଟାଇଛି ଯେ ଭାରତ ପ୍ରତି ତାଙ୍କର ପ୍ରେମ ତାଙ୍କ ନିଜସ୍ୱ ଇଚ୍ଛାରୁ ଉତ୍ପନ୍ନ ହୋଇଛି, କାରଣ ସେ ଭାରତୀୟ ନାଗରିକତା ଚାହାନ୍ତି ନାହିଁ ।

କାନେରିଆ ଅନେକ ଥର ସାର୍ବଜନୀନ ଭାବରେ କହିଛନ୍ତି ଯେ ସେ ପାକିସ୍ତାନ କ୍ରିକେଟ ବୋର୍ଡ ଦ୍ୱାରା ଭେଦଭାବର ସମ୍ମୁଖୀନ ହୋଇଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ ପୂର୍ବତନ କ୍ରିକେଟର କହିଛନ୍ତି ଯେ ପାକିସ୍ତାନ ତାଙ୍କର 'ଜନ୍ମସ୍ଥାନ' ଏବଂ ଭାରତ ତାଙ୍କର 'ମାତୃଭୂମ' ।

କାନେରିଆ ଲେଖିଛନ୍ତି, 'ସମ୍ପ୍ରତି, ମୁଁ ଅନେକ ଲୋକଙ୍କୁ ମୋତେ ପ୍ରଶ୍ନ କରୁଥିବାର ଦେଖିଛି, ମୁଁ କାହିଁକି ପାକିସ୍ତାନ ବିଷୟରେ କହୁନାହିଁ ବୋଲି ପଚାରୁଛି । ଏବଂ କେତେକ ଅଭିଯୋଗ ମଧ୍ୟ କରୁଛନ୍ତି ଯେ ମୁଁ ଭାରତୀୟ ନାଗରିକତା ପାଇବା ପାଇଁ ଏହା କରେ । ମୁଁ ଭାବୁଛି ସତ୍ୟ ସ୍ପଷ୍ଟ କରିବା ଗୁରୁତ୍ୱପୂର୍ଣ୍ଣ ।'

ସେ ଶେଷରେ କହିଲେ, 'ଜୟ ଶ୍ରୀ ରାମ ।' ସେ ଆହୁରି ମଧ୍ୟ କହିଲେ, 'ମୋ ସୁରକ୍ଷା ବିଷୟରେ ଚିନ୍ତିତ ଲୋକଙ୍କ ପାଇଁ, ପ୍ରଭୁ ଶ୍ରୀ ରାମଙ୍କ ଆଶୀର୍ବାଦରେ, ମୁଁ ସୁରକ୍ଷିତ ଏବଂ ମୋ ପରିବାର ସହିତ ଖୁସି । ମୋର ଭାଗ୍ୟ ପ୍ରଭୁ ରାମଙ୍କ ହାତରେ । ଜୟ ଶ୍ରୀ ରାମ ।' ଏହା ଉଲ୍ଲେଖନୀୟ ଯେ ଦାନିଶ କାନେରିଆ ବାରମ୍ବାର ଭାରତକୁ ପ୍ରଶଂସା କରିଛନ୍ତି, ଯାହା ଫଳରେ ଅନୁମାନ କରାଯାଉଛି ଯେ ସେ ଭାରତୀୟ ନାଗରିକତା ପାଇବା ପାଇଁ ଏସବୁ କରୁଛନ୍ତି ।

# ରୋହିତ ୧୬ ବର୍ଷ ଦେଇଛନ୍ତି ଆମେ ବର୍ଷେ ଦେଲେ ନାହିଁ : ପ୍ରଶ୍ନ ଉଠାଇଲେ ମହମ୍ମଦ କୈଫ




**ନୂଆଦିଲ୍ଲୀ**

ପ୍ରତୀକ୍ଷାର ଅନ୍ତ ଘଟିଛି । ଅଷ୍ଟ୍ରେଲିଆ ଗସ୍ତ ପାଇଁ ଭାରତର ଦିନିକିଆ ଦଳ ଘୋଷଣା କରାଯାଇଛି । ୧୫ ଜଣିଆ ଦିନିକିଆ ଦଳ କିଛି ମାତ୍ରାରେ କ୍ରିକେଟ୍ ପ୍ରେମୀଙ୍କୁ ଖୁସି କରିଥିବାବେଳେ ଆଉ କିଛି ଘଟଣା ମର୍ମାହତ କରିଛି । ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ସ୍ଥାନ ପାଇବା ଫଳରେ ସମଗ୍ର ବିଶ୍ୱର କ୍ରିକେଟ୍ ପ୍ରେମୀଙ୍କ ଉତ୍କଣ୍ଠା ବଢ଼ି ଯାଇଛି । ମାତ୍ର ରୋହିତଙ୍କ ଠାରୁ ନେତୃତ୍ୱ ଛଡ଼ାଇ ନିଆଯିବା ଖବର ନିରାଶ କରିଛି । ଶୁଭମନ ଗିଲ ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି । ଅନ୍ୟତମ ଅଭିଜ୍ଞ ତଥା ସଫଳ ବ୍ୟାଟର ଶ୍ରେୟାସ ଆୟରଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି । ରୋହିତଙ୍କଠୁ କ୍ୟାପ୍ଟେନ୍ସି ଛଡ଼ାଇ ଶୁଭମନଙ୍କୁ ଦେବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ପୂର୍ବତନ କ୍ରିକେଟର ମହମ୍ମଦ କୈଫ । ସୋସିଆଲ ମିଡିଆରେ ଭିଡିଓ ସେୟାର କରି ପୂର୍ବ କ୍ରିକେଟର ମହମ୍ମଦ କୈଫ କହିଛନ୍ତି, 'ରୋହିତ ଶର୍ମା ଭାରତକୁ ୧୬ ବର୍ଷ ଦେଇଛନ୍ତି । କ୍ୟାପ୍ଟେନ ହିସାବରେ ତାଙ୍କୁ ଆମେ ଗୋଟିଏ ବି ବର୍ଷ ଦେଇପାରିଲୁ ନାହିଁ । ଅଧିନାୟକ ଭାବରେ, ସେ ୧୬ ଆଇସିସି ଇଭେଣ୍ଟ ମଧ୍ୟରୁ ୧୫ଟି ଜିତିଛନ୍ତି । ସେ କେବଳ ଗୋଟିଏ ମ୍ୟାଚ୍ ହାରିଥିଲେ, ଯାହା ୨୦୨୩ ଦିନିକିଆ ବିଶ୍ୱକପ୍ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ୍ ଥିଲା । ସେ ଦୁବାଇରେ ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଥିଲେ । ଟ୍ରଫି ଜିତିଥିଲେ । ଭାରତ ୨୦୨୪ ଟି–ଟ୍ୱେଣ୍ଟି ବିଶ୍ୱକପ୍ ଜିତିଥିଲା । ଏହାପରେ ସେ ବଡ଼ପଣ ଦେଖାଇ ନୂଆ ପ୍ଲେୟାରଙ୍କୁ ସୁଯୋଗ ଦେବାକୁ ଅବସର ନେଇଥିଲେ ।'

ମହମ୍ମଦ କୈଫ ଆହୁରି କହିଛନ୍ତି, 'ହିନ୍ଦୁସ୍ଥାନରେ ଏକ ଉଦାହରଣ ଅଛି ଯେ ପର୍ଯ୍ୟନ୍ତ ତୁମର ସମୟ ଚାଲିଛି ଦବ୍‌ଦବା ଦେଖାଅ ହେଲେ ରୋହିତ ସେପରି କଲେ ନାହିଁ । ସେ ପ୍ଲେୟାର ତିଆରି କରିଛନ୍ତି, ସେମାନଙ୍କୁ ଶିଖାଇଛନ୍ତି । ଅଣ୍ଡର ପ୍ରେସରରେ କିପରି ଖେଳିବ ଶିଖାଇଛନ୍ତି ହେଲେ ଆମେ ତାଙ୍କୁ ଗୋଟିଏ ବର୍ଷ ୨୦୨୭ ବିଶ୍ୱକପରେ ଅଧିନାୟକତ୍ୱ କରିବାକୁ ଦେଲୁନାହିଁ । ଯେଉଁ ଅଧିନାୟକ ଆମକୁ ୮ମାସରେ ୨ଟି ଆଇସିସି ଟ୍ରଫି ଦେଇଛନ୍ତି ତାଙ୍କ ସ୍ଥାନରେ ଶୁମନ ଗିଲ ନେତୃତ୍ୱ ନେବେ । ଗିଲ୍ ୟଙ୍ଗ, ନୂଆ, ଭଲ ନେତୃତ୍ୱ ନେଇପାରିବେ ହେଲେ ସବୁ ଜିନିଷରେ ତରବରିଆ କାହିଁକି ? ଛପର ଫାଡିକି ଦେବାର ଆବଶ୍ୟକତା କାହିଁକି ? ତାଙ୍କ ସମୟ ଆସିବ ହେଲେ ବର୍ତ୍ତମାନ ରୋହିତଙ୍କ ସମୟ ଥିଲା ।

# ଅବସରପ୍ରାପ୍ତ ସେନାଙ୍କୁ ସମ୍ବର୍ଦ୍ଧନା



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ବ୍ଲକ ଲଛିନ୍ଧର ନିଜ କର୍ତ୍ତବ୍ୟରୁ ଅବସର ନେଇ ଘରକୁ ଖେଳି ଯାଇଥିଲା । ଛେଳିଡଙ୍ଗରି ପଞ୍ଚାୟତ ଅନ୍ତର୍ଗତ ନୂଆପାରା ଗ୍ରାମର ଫେରିବା ପରେ ପରିବାର ମଧ୍ୟରେ ଖୁସିର ଲହରୀ ଲଛିନ୍ଧର ଗଣ୍ଡ ସାମରିକ ସେନାରୁ ଅବସର ନେଇ ଘରକୁ ଫେରିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି । ଗ୍ରାମର ଶତାଧିକ ଲୋକେ ବାଜା ରୋଷଣୀରେ ତାଙ୍କୁ ସ୍ୱାଗତ କରିବା ସହିତ ଦେଶ ପାଇଁ ତାଙ୍କ ଚାକିରି କାଳରେ ଦେଇଥିବା ଅବଦାନକୁ ନେଇ ପ୍ରଶଂସା କରିଥିଲେ । ଲଛିନ୍ଧର ୨୦୦୧ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ଦେଶର ଅରୁଣାଞ୍ଚଳପ୍ରଦେଶ, ମେଘାଳୟ, ଲଦାଖ ଭଳି ସୀମାନ୍ତ ଅଞ୍ଚଳରେ ଏବଂ ହାଇଦ୍ରାବାଦ ଓ ବେଙ୍ଗାଲୁର ସହରରେ ମଧ୍ୟ ନିଜ ଚାକିରି ଜୀବନ ବିତାଇଥିବା ଜଣାପଡ଼ିଛି । ବର୍ଷ ବର୍ଷ ଧରି ଘର ଠାରୁ ଦୂରରେ ରହି ଲଛିନ୍ଧର ନିଜ କର୍ତ୍ତବ୍ୟରୁ ଅବସର ନେଇ ଘରକୁଫେରିବା ପରେ ପରିବାର ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା ।

# କାନପୁରରେ ଅଷ୍ଟ୍ରେଲିଆ ଦଳର ଖେଳାଳି ଗୁରୁତର




**କାନପୁର**

ଭାରତ ଏ ବିପକ୍ଷରେ କାନପୁରରେ ଚାଲିଥିବା ଏକଦିବସୀୟ ସିରିଜ୍ ମଧ୍ୟରେ ଅଷ୍ଟ୍ରେଲିଆ ଏ ଦଳର ଚାରିଜଣ ଖେଳାଳି, ଦଳର ଅଧିନାୟକଙ୍କୁ ମିଶାଇ, ପାକସ୍ଥଳୀ ସଂକ୍ରମଣରେ ଆକ୍ରାନ୍ତ ହୋଇଛନ୍ତି । ଏହି ଘଟଣା ଦଳ ମଧ୍ୟରେ ସ୍ୱାସ୍ଥ୍ୟ ଆତଙ୍କ ସୃଷ୍ଟି କରିଛି । ଖେଳାଳି ହେନରୀ ଥର୍ନଟନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କାନପୁରର ରିଜେନ୍ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟ ତିନିଜଣ ଖେଳାଳିଙ୍କୁ ସାଧାରଣ ଚିକିତ୍ସା ପରୀକ୍ଷା ପରେ ଛାଡ଼ି ଦିଆଯାଇଛି ।

ଦଳର ସୂତ୍ର ଅନୁଯାୟୀ, ଏହି ଅସୁସ୍ଥତା ହୋଟେଲରେ ଖାଦ୍ୟ ଖାଇବା ଯୋଗୁଁ ହୋଇଥାଇପାରେ, ଯଦିଓ ହସ୍ପିଟାଲ କର୍ତ୍ତୃପକ୍ଷ କିମ୍ବା ଦଳର ମ୍ୟାନେଜମେଣ୍ଟ ଏହାକୁ ଆନୁଷ୍ଠାନିକ ଭାବେ ନିଶ୍ଚିତ କରିନାହାନ୍ତି । ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କାନପୁରରେ ଖବରଦାତାମାନଙ୍କୁ କହିଛନ୍ତି, "ସମସ୍ତ ଖେଳାଳିଙ୍କୁ ସମାନ ଖାଦ୍ୟ କାନପୁରର ସର୍ବୋତ୍ତମ ହୋଟେଲ ଲ୍ୟାଣ୍ଡମାର୍କରୁ ଯୋଗାଇ ଦିଆ ଯାଉଛି । ଯଦି ଖାଦ୍ୟରେ ସମସ୍ୟା ଥାଆନ୍ତା, ତେବେ ଭାରତୀୟ ଖେଳାଳିଙ୍କ ସମେତ ସମସ୍ତେ ଅସୁସ୍ଥ ହୋଇଥାଆନ୍ତେ । ଏହା ନିଶ୍ଚିତ ଭାବେ ଅନ୍ୟ କୌଣସି ସଂକ୍ରମଣ ହୋଇ ଥିବ । ଆମେ ଏହାକୁ ନିୟନ୍ତ୍ରଣ କରୁଛୁ ।"

ଶୁକ୍ଲା କାନପୁରରେ ଲଜିଷ୍ଟିକ୍ ସମସ୍ୟା ବିଷୟରେ ମଧ୍ୟ କହିଛନ୍ତି । ସେ କହିଛନ୍ତି, "କାନପୁରରେ ଅଧିକ ସଂଖ୍ୟକ ହୋଟେଲ ନାହିଁ । ଆମେ ୩୦୦ ରୁମ୍ ବିଶିଷ୍ଟ ପାଞ୍ଚ ତାରକା ହୋଟେଲ ଆବଶ୍ୟକ କରୁଛୁ, ଯାହା ଏଠାରେ ଉପଲବ୍ଧ ନାହିଁ । ଏହା ସହ ଏକ ୨୪ ଘଣ୍ଟା ଚାଲୁଥିବା ଆନ୍ତର୍ଜାତିକ ବିମାନବନ୍ଦର ମଧ୍ୟ ନାହିଁ । ଯଦି ଉନ୍ନତ ବ୍ୟବସ୍ଥା ଥାଆନ୍ତା, ତେବେ ଖେଳାଳିମାନେ ଅଧିକ ସୁବିଧା ପାଇଥାଆନ୍ତେ ।"

ଆଇପିଏଲ୍ ସମୟରେ ଏଭଳି ସମସ୍ୟା କାହିଁକି ଦେଖାଦିଏ ନାହିଁ ବୋଲି ପଚରାଯିବାରେ ଶୁକ୍ଲା କହିଛନ୍ତି, "ଆଇପିଏଲ୍‌ରେ ସମସ୍ତ ବ୍ୟବସ୍ଥା ଫ୍ରାଞ୍ଚାଇଜିମାନେ ନିଜେ କରନ୍ତି । ଖେଳାଳିମାନେ କେଉଁ ହୋଟେଲରେ ରହିବେ, ତାହା ସେମାନେ ନିଜେ ନିଷ୍ପତ୍ତି ନିଅନ୍ତି । ବିସିସିଆଇର ଏଥିରେ କୌଣସି ଭୂମିକା ନାହିଁ ।"

ଖେଳ ପରିପ୍ରେକ୍ଷୀରେ, ଭାରତ ଏ ପ୍ରଥମ ଅଣଆନୁଷ୍ଠାନିକ ଏକଦିବସୀୟ ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଏ ଦ୍ୱିତୀୟ ମ୍ୟାଚ୍‌ରେ ୯ ୱିକେଟ୍‌ରେ ସହଜ ବିଜୟ ହାସଲ କରି ସିରିଜ୍‌କୁ ୧–୧ରେ ସମାନ କରିଛି । ଏହି ସ୍ୱାସ୍ଥ୍ୟ ସଙ୍କଟ ସତ୍ତ୍ୱେ ଦଳଗୁଡ଼ିକ ପରବର୍ତ୍ତୀ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି । ଏହି ଘଟଣା କାନପୁରରେ ଖେଳ ଆୟୋଜନରେ ଲଜିଷ୍ଟିକ୍ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନୁନ୍ନତ ଅବସ୍ଥାକୁ ଆଲୋକପାତ କରିଛି ।

# ଶିରିଡି ସାଇ ସଂଗଠନ ପକ୍ଷରୁ ପାଲିଙ୍କି ଶୋଭାଯାତ୍ରା



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳର କଜଳା ଠାରେ ଥିବା ଶିରିଡି ସାଇ ସଂଗଠନ ପକ୍ଷରୁ ଏକ ବର୍ଣ୍ଣାଢ୍ୟ ପାଲିଙ୍କି ଶୋଭାଯାତ୍ରା କଜଳାରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବହୁ ସଂଖ୍ୟକ ସାଇ ଭକ୍ତ ସଂକୀର୍ତ୍ତନ ସହ ଅଂଶ ଗ୍ରହଣ କରି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ । ଏଥି ସହ ସାଇ ବାବାଙ୍କ ସଂପର୍କିତ ପ୍ରଚାରପତ୍ର ବର୍ଣ୍ଟନ କରାଯିବା ସହ ସାଇ ବାଣୀ ପ୍ରସାରଣ କରାଯାଇଥିଲା । ସାଇ ସଂଗଠନର ପାରମ୍ପରିକ ବେଶ ପୋଷାକ ପରିହିତ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ନଗର ପରିକ୍ରମା କରି ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ ।

# ବନ୍ଧୁକ ଦେଖାଇ ମହିଳାଙ୍କୁ ଅପହରଣ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଅପରାଧିକ କାର୍ଯ୍ୟକଳାପର ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଜଣେ ମହିଳାଙ୍କୁ ବନ୍ଧୁକ ଦେଖାଇ ମହିଳାଙ୍କୁ ଅପହରଣ କରିଛନ୍ତି । ଏନେଇ ରଘୁନାଥପୁର ଅଞ୍ଚଳର ସବିତା ପାତ୍ର ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି । ସେ ଏକ ସ୍କୁଲରେ କାର୍ଯ୍ୟରତ ଥିବା ବେଳେ ଦିନ ୨ଟା ବେଳେ ଡିୟୁଟି ସାରି ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଉକ୍ତ ସମୟରେ ଲିଟୁ ନାମକ ଜଣେ ବ୍ୟକ୍ତି ତାଙ୍କର ଏକ ଅଟୋରେ ଆସି ତାଙ୍କୁ ଅଟକାଇ ମୁଣ୍ଡରେ ବନ୍ଧୁକ ଲଗାଇଥିଲେ । ତାଙ୍କୁ ଅଟୋରେ ବସିବାକୁ କହିଥିଲେ ନବସିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ସେ ଭୟରେ ଅଟୋରେ ବସିଥିଲେ । ଅଟୋ ଯୋଗେ ସହର ବାହାରକୁ ଆସିବା ପରେ ତାଙ୍କର ଅନ୍ୟ ସହଯୋଗଙ୍କ ସହ ମିଶି ଜୋର ଜବରଦସ୍ତ ଅନ୍ୟ ଏକ କାରକୁ ନେଇ ଯାଇଥିଲେ । ସେଠାରେ ଏକ ନିଶ୍ଚେତକ ଇଞ୍ଜେକସନ ଦେଇ ଅପହରଣ କରି ନେଇଥିଲେ । କଟକ ଅଞ୍ଚଳର ଏକ ବନ୍ଦ ଘରେ ତାଙ୍କୁ ଲୁଚାଇ ରଖିଥିଲେ । ତାଙ୍କୁ ହୋସ ଆସିବା ପରେ ଜୋରରେ ପାଟି କରିବାରୁ ସ୍ଥାନୀୟ ଲୋକମାନେ ଓ ବାଦାମବାଡ଼ି ପୁଲିସ ତାଙ୍କୁ ଉଦ୍ଧାର କରିଥିଲେ । ଏହାପରେ ପରିବାର ଲୋକଙ୍କୁ ଖବର ଦେବାରୁ ସେମାନେ ବାରିପଦା ଆଣିବା ସହ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକ୍ରମେ ପୁଲିସ ଅପହରଣ ଓ ଆର୍ମ ଆକ୍ଟ ନେଇ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି ।

# ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରସଂସ୍ଥା ପକ୍ଷରୁ ସ୍ୱଚ୍ଛତା ହିଁ ସେବା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପୌରସଂସ୍ଥା କର୍ମଚାରୀ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ମଣ୍ଡଳର ସଦସ୍ୟା ମାନଙ୍କୁ ନେଇ ଅନୁଷ୍ଠିତ ଏକ ବିଶାଳ ପଦଯାତ୍ରା ଓ ଗଣଦୌଡ଼କୁ ଜିଲ୍ଲାପାଳ ରଘୁରାମ ଆର ଅୟାର ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଓ ଗଣ ଦୌଡ଼ ସହର ପରିକ୍ରମା କରି ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ଅଂଶ ଗ୍ରହଣ କରିଥିବା ସ୍ୱଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ସ୍ୱଚ୍ଛତା ହିଁ ସେବା ସଂପର୍କରେ ପୌରାଧକ୍ଷା ସରିତା ସାହୁ ଉଦ୍‌ବୋଧନ ଦେଇ ନିଜେ ସ୍ୱଚ୍ଛ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବା ଏକ ମୌଳିକ କର୍ତ୍ତବ୍ୟ ବୋଲି ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଆୟୋଜତ ବିଭିନ୍ନ ପ୍ରତିଯୋଗତା ଓ ଗଣଦୌଡ଼ରେ ସଫଳ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ପୌରାଧକ୍ଷା ପୁରସ୍କୃତ କରିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ସୁକୁମାର ଚୌଧୁରୀ, ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରାଦ୍ଧ ଦିବସରେ ସରଳା ଦେବୀଙ୍କୁ ଶ୍ରଦ୍ଧାଞ୍ଜଳି

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ପ୍ରଥମ ମହିଳା ବନ୍ଦିନୀ ତଥା ପ୍ରଥମ ମହିଳା ସତ୍ୟାଗ୍ରହୀ, ପ୍ରଥମ ମହିଳା ବିଧାୟିକା, ଲୌହମାନାବୀ ସରଳା ଦେବୀଙ୍କ ୩୯ତମ ଶ୍ରାଦ୍ଧ ଦିବସରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ଯୁବ ନେତା ଅବନୀକାନ୍ତ ମହାରଣା, ଉମେଶ ସ୍ୱାଇଁ ପ୍ରମୁଖ ସରଳା ଦେବୀ କଲ୍ୟାଣ ମଣ୍ଡପ ଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଥିଲେ ।

# ପଦ୍ମପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଡବଲ ଇଞ୍ଜିନ୍ ସରକାରଙ୍କୁ ଧନ୍ୟବାଦ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ପଦ୍ମପୁର ଉପଖଣ୍ଡ ଏକ ଚିର ମରୁଡି ପ୍ରପୀଡ଼ିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ତେବେ କିନ୍ତୁ ବରଗଡ଼ ପରି ଏକ ବିକଶିତ ଜିଲ୍ଲାରେ ଥାଇ ମଧ୍ୟ ଏହି ଅଞ୍ଚଳ ତାହାର ଭୌଗଳିକ ସ୍ଥିତି ଯୋଗୁଁ ଅର୍ଦ୍ଧ ବିକଶିତ ହୋଇଥିବା ବେଳେ, ଅଞ୍ଚଳବାସୀ ଦୀର୍ଘ ଦିନ ଧରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନା ଗମନକୁ ନେଇ କରି ଆସୁଛନ୍ତି ଦାବି । ତେବେ ଦୀର୍ଘ ଦିନର ଅଭିଳାଷା ବର୍ତ୍ତମାନ ସମ୍ପୂର୍ଣ୍ଣ ହେବାକୁ ଯାଉଥିବା ପରିଲକ୍ଷିତ ହୋଇଛି । ତେବେ ପଦ୍ମପୁରବାସୀଙ୍କର ଦୀର୍ଘ ଦିନର ଦାବି ରେଳ ପଥ ଏବଂ ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ପଦ୍ମପୁରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନକୁ ନେଇ ପଦ୍ମପୁର ସ୍ଥାନୀୟ ରାଜଜୀ ଟାଉନ ହଲ୍ ଠାରେ ସାମ୍ବାଦିକ ସମ୍ମିଳନୀ କରି ବୋଡାସାମ୍ବର ମାଟିର ଗୌରବ ତଥା ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସୂଚନା ଦେଇଥିବା ବେଳେ ଦୀର୍ଘ ଦିନର ସ୍ୱପ୍ନ ପୂରଣ କରିଥିବାରୁ ଓଡ଼ିଶାର ଡବଲ ଇଞ୍ଜିନ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ପଦ୍ମପୁରବାସୀ । ତେବେ ଗତ ଉପନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟି ପ୍ରଚାର ସମୟରେ ଦେଇଥିବା ନିର୍ବାଚନୀ ପ୍ରତିଶୃତି ଗୋଟିଏ ପରେ ଗୋଟିଏ ପୂରଣ କରି ଚଳିଥିବାରୁ ପଦ୍ମପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଥିବା ବେଳେ ବୋଡ଼ାସମ୍ବର ବାସୀଙ୍କ ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ନୂତନ କାର୍ଯ୍ୟ ପ୍ରୟାରମ୍ଭ କରିବାରେ ଭାରତୀୟ ଜନତା ପାର୍ଟିର ଡବଲ ଇଞ୍ଜିନ ସରକାର ପ୍ରୟାସ କରି ଚାଲିଥିବା କହିଛନ୍ତି ସାଂସଦ । ତେବେ ଆଗାମୀ ଦିନରେ ପଦ୍ମପୁର ନିଜର ପୂର୍ଣ୍ଣ ବିକାଶର ସ୍ୱପ୍ନକୁ ହାସଲ କରିବାରେ ଶୀଘ୍ର ସଫଳ ହେବ ଯେଉଁଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପୂର୍ଣ୍ଣତଃ ସହଯୋଗ କରିବେ ବୋଲି କହିଛନ୍ତି ସାଂସଦ । ତେବେ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପ ସଭାପତି ଗୋବର୍ଦ୍ଧନ ଭୁଏ, ଯୁବନେତା ପ୍ରତେଶ କୁମାର ବହିଦାର ଉପସ୍ଥିତ ଥିବା ବେଳେ ଘୋଷଣାକୁ ନେଇ ଉଲ୍ଲାସ ପ୍ରକାଶ କରିଛନ୍ତି ଅନ୍ୟାନ୍ୟ କର୍ମୀ ଓ ଜନସାଧାରଣ ।

# ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ଭାଗ୍ୟ ବଦଳାଇଲା ରୁଫ୍‌ଟପ୍ ସୋଲାର ସିଷ୍ଟମ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପିଏମ୍ ସୂର୍ଯ୍ୟ ଘର ଯୋଜନା ସ୍ୱଚ୍ଛ ସୌର ଶକ୍ତିକୁ ସହଜ ଏବଂ ସୁଲଭ କରି ସାରା ଦେଶର ଲୋକମାନଙ୍କ ଜୀବନକୁ ରୂପାନ୍ତରିତ କରୁଛି । ଏଭଳି ଏକ ପ୍ରେରଣା ଦାୟକ କାହାଣୀ ହେଉଛି ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଚାଷୀ ଏବଂ କ୍ଷୁଦ୍ର ବ୍ୟବସାୟୀ ରାକେଶ କୁମାର ସାହୁଙ୍କ ଯାତ୍ରା । ବ୍ୟାଙ୍କ ଅଫ ବରୋଦାରୁ ଆବାସିକ ରୁଫଟପ ସୋଲାର ସିଷ୍ଟମ ପାଇଁ ଋଣ ନେଇ ନିଜ ଘର ଛାତ ଉପରେ ସୌର ଶକ୍ତି ସିଷ୍ଟମ ସ୍ଥାପନ କରିବା ପରେ ତାଙ୍କ ନିଜର ଓ ପରିବାରର ଜୀବନ ବଦଳିଯାଇଛି । ସୌର ଶକ୍ତି ସିଷ୍ଟମ ସ୍ଥାପନ ପୂର୍ବରୁ, ଶ୍ରୀ ସାହୁଙ୍କ ଘରେ ପ୍ରତିମାସ ବିଜୁଳି ବିଲ୍ ୧,୫୦୦ ଠାରୁ ୧,୮୦୦ ଟଙ୍କା ମଧ୍ୟରେ ରହୁଥିଲା ଯାହା ତାଙ୍କ ଆୟ ଅନୁସାରେ ଏକ ବଡ଼ ଖର୍ଚ୍ଚ ଥିଲା । ପିଏମ ସୂର୍ଯ୍ୟ ଘର ଯୋଜନା ଅଧୀନରେ ଛାତ ଉପରେ ସୌର ଶକ୍ତି ସିଷ୍ଟମ ସ୍ଥାପନ କରିବା ପରେ ତାଙ୍କ ମାସିକ ବିଲ୍ ବର୍ତ୍ତମାନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇ ୨୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି । ନିଜ ଅନୁଭୂତି ପ୍ରକାଶ କରି ଶ୍ରୀ ସାହୁ କହିଛନ୍ତି ଯେ, "ଏହି ଯୋଜନା ତାଙ୍କ ପରିବାରର ଜୀବନକୁ ବଦଳାଇ ଦେଇଛି । ସେମାନଙ୍କୁ ମାନସିକ ଶାନ୍ତି ଏବଂ ପ୍ରାୟ ମାଗଣା ବିଜୁଳି ପ୍ରଦାନ କରିଛି । ଉଚ୍ଚ ବିଜୁଳି ବିଲ୍ ଏକ ବଡ଼ ଚିନ୍ତାର କାରଣ ଥିଲା । ପ୍ରତିମାସରେ ମୋର କଷ୍ଟ ଉପାର୍ଜିତ ଆୟର ଏକ ବଡ଼ ଅଂଶ ଘରେ ଲାଇଟ, ଫ୍ୟାନ, ରେଫ୍ରିଜରେଟର ଭଳି ମୌଳିକ ଉପକରଣ ଗୁଡିକ ଚଳାଇବା ପାଇଁ ଖର୍ଚ୍ଚ ହେଉଥିଲା । ବିଶେଷକରି ମୋ ପିଲାମାନଙ୍କ ଶିକ୍ଷା ପ୍ରତି ଧ୍ୟାନ ଦେବାରେ ଅସୁବିଧା ହେଉଥିଲା । କିନ୍ତୁ ପିଏମ୍ ସୂର୍ଯ୍ୟ ଘର ଯୋଜନା ଯୋଗୁଁ ଆମ ଜୀବନ ସଂପୂର୍ଣ୍ଣ ଭାବରେ ବଦଳିଯାଇଛି । ରୁଫ୍‌ଟପ୍ ସୋଲାର ସିଷ୍ଟମ ସ୍ଥାପନ କରିବା ପରେ ଆମର ବିଜୁଳି ବିଲ୍ ବିଶେଷ ଭାବରେ ହ୍ରାସ ପାଇ ୨୦୦ ଟଙ୍କା କିମ୍ବା ତା'ଠାରୁ କମ୍ ହୋଇଛି । ବର୍ତ୍ତମାନ ଆମେ ପ୍ରାୟ ମାଗଣା ବିଜୁଳି ଉପଭୋଗ କରୁଛୁ ଏବଂ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ମାନସିକ ଶାନ୍ତି ପାଇଛୁ ।" "ଭାରତ ସରକାର ଏବଂ ବ୍ୟାଙ୍କ ଅଫ ବରୋଦାର ସମର୍ଥନରେ ମୁଁ ମୋର ବିଜୁଳି ବିଲ୍ ହ୍ରାସ କରିଥିବା ସହ ସଞ୍ଚୟ ଟଙ୍କା ବ୍ୟବହାର କରି ମୋର ଦୋକାନ ବଢ଼ାଇବାକୁ ମଧ୍ୟ ଯୋଜନା କରୁଛି । ଏହି ସଶକ୍ତୀକରଣ ଉଦ୍ୟମ ପାଇଁ ମୁଁ ପ୍ରକୃତରେ କୃତଜ୍ଞ ବୋଲି ଶ୍ରୀ ସାହୁ କହିଛନ୍ତି । ପିଏମ ସୂର୍ଯ୍ୟ ଘର ଯୋଜନା ସାରା ଭାରତର ଲକ୍ଷ ଲକ୍ଷ ପରିବାରକୁ ଆଲୋକ ଏବଂ ସମୃଦ୍ଧି ଆଣିଦେଉଛି । ୧ କୋଟି ଘରେ ପହଞ୍ଚିବାର ଲକ୍ଷ୍ୟ ନେଇ ଏହି ଯୋଜନା ବିଦ୍ୟୁତ ଶକ୍ତିରେ ଆତ୍ମନିର୍ଭର ହେବା, ସବୁଜ ଅଭିବୃଦ୍ଧି ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଆଡ଼କୁ ଏକ ପଦକ୍ଷେପ । ଏହି ଯୋଜନା ଅଧୀନରେ ହିତାଧୀକାରୀମାନେ ୭୮,୦୦୦ ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ଅନୁଦାନ ପାଇବାର ବ୍ୟବସ୍ଥା ରହିଛି । ପିଏମ୍ ସୂର୍ଯ୍ୟ ଘର ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟାଙ୍କ ଅଫ ବରୋଦା ପ୍ରଶଂସନୀୟ ପ୍ରୟାସ କରୁଛି ଯାହା ଦ୍ୱାରା ସାରା ଭାରତର ସର୍ବାଧିକ ନାଗରିକ ଏହି ପରିବର୍ତ୍ତନଶୀଳ ଯୋଜନାର ଲାଭ ପାଇପାରିବେ ଏବଂ ଦେଶର ଏକ ସବୁଜ, ଅଧିକ ସ୍ଥାୟୀ ଭବିଷ୍ୟତ ଲକ୍ଷ୍ୟରେ ଅବଦାନ ଦେଇପାରିବେ । ଗ୍ରାହକଙ୍କ ସୁବିଧା ବଢ଼ାଇବା ପାଇଁ ବ୍ୟାଙ୍କ ପ୍ରାୟ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇଁ କେବଳ ୬% ବାର୍ଷିକ ଆକର୍ଷଣୀୟ ସୁଧ ହାରରେ ଏକ ଏଣ୍ଡ–ଟୁ–ଏଣ୍ଡ ଡିଜିଟାଲ ପ୍ରକ୍ରିୟା ଆରମ୍ଭ କରିଛି । ଏହି ଡିଜିଟାଲ ଏବଂ କାଗଜବିହୀନ ପ୍ରକ୍ରିୟା ଗ୍ରାହକଙ୍କୁ ଶାଖା ପରିଦର୍ଶନ ନ କରି ମଧ୍ୟ ଆବେଦନ କରିପାରିବା, ଅନୁମୋଦନ ପାଇବା ଏବଂ ଋଣ ଖାତା ଖୋଲିବାର ସୁଯୋଗ ଦେଉଛି । ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ଅଫ ବରୋଦା ସାରା ଭାରତରେ ପ୍ରାୟ ୫୫,୦୦୦ ପରିବାରକୁ ରୁଫ୍‌ଟପ୍ ସୋଲାର ସିଷ୍ଟମ ସ୍ଥାପନ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି । ସମୟୋପଯୋଗୀ ଆର୍ଥିକ ସମର୍ଥନରେ ସ୍ୱଚ୍ଛଶକ୍ତି ସମାଧାନଗୁଡ଼ିକ କିପରି ପରିବାରଗୁଡିକୁ ସଶକ୍ତ କରିପାରେ, ଖର୍ଚ୍ଚ କମାଇପାରେ ଏବଂ ଏକ ସବୁଜ ଭବିଷ୍ୟତ ପାଇଁ ଅବଦାନ ଦେଇପାରେ, ଶ୍ରୀ ସାହୁଙ୍କ କାହାଣୀ ଏହା ପ୍ରମାଣ କରୁଛି ।

ଭୁବନେଶ୍ୱର
୬ ଅକ୍ଟୋବର,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆସନ୍ତା ୭ରେ ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଶ୍ରୀସୁଦର୍ଶନ ବିଜେ ନୀତି



**ପୁରୀ,୦୫/୧୦ ନ୍ୟୁଜ ବ୍ୟୁରୋ**
ଆସନ୍ତା ୭ ତାରିଖ ମଙ୍ଗଳବାର ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା। ଏହି ଅବସରରେ ମହାଲକ୍ଷ୍ମୀ ଓ ମହାପ୍ରଭୁଙ୍କ ମଧ୍ୟରେ ଦ୍ୟୁତକ୍ରୀଡ଼ା ପ୍ରତିଯୋଗିତା ହେବ। ଏଥିସହ ଶ୍ରୀସୁଦର୍ଶନ ଦେବ ଶ୍ରୀମନ୍ଦିରରୁ ବାହାରି ନଗର ପରିକ୍ରମା କରିବେ। ଅନେକ ସ୍ଥାନରେ ୬ ତାରିଖ ସୋମବାର କୁମାର ପୂର୍ଣ୍ଣିମା ପାଳନ ହେଉଛି। ମଙ୍ଗଳବାର ସୂର୍ଯ୍ୟୋଦୟକୁ ପୂର୍ଣ୍ଣିମା ରହିଥିବାରେ ଶ୍ରୀମନ୍ଦିରରେ ୭ ତାରିଖ କୁମାର ପୂର୍ଣ୍ଣମୀ ପାଳନ ହେଉଥିବା ସୂଚନା ରହିଛି । ଠାକୁରଙ୍କ ବରିଷ୍ଠ ପାଳିଆ ସେବକ କୁହନ୍ତି, ୬ ତାରିଖ ଦିନ ୧୨ଟା ୨୨ ମିନିଟ୍ ପର୍ଯ୍ୟନ୍ତ ରହିଛି ଚର୍ତୁଦ୍ଦଶୀ । ସୂର୍ଯ୍ୟୋଦୟ ହୋଇଛି ଚର୍ତୁଦ୍ଦଶୀରେ । ୭ ତାରିଖ ମଙ୍ଗଳବାର ପୂର୍ଣ୍ଣିମା ରହିଛି ପ୍ରାୟ ଦିନ ୯ଟା ପର୍ଯ୍ୟନ୍ତ । ମୁଖ୍ୟତଃ ସୂର୍ଯ୍ୟୋଦୟକୁ ନେଇ ବଡ଼ଦେଉଳରେ କୁମାର ପୂର୍ଣ୍ଣମୀ ପାଳନ ହେବ। ହେଲେ ପୂର୍ବ ଏକାଦଶୀଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାର୍ତ୍ତିକ ନୀତି ଆରମ୍ଭ ହୋଇସାରିଛି । ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ତଥା ବରିଷ୍ଠ ଆଇନ୍‌ଜୀବୀ ଉମାବଲ୍ଲଭ ମହାପାତ୍ର କୁହନ୍ତି, ୬ ତାରିଖ ସନ୍ଧ୍ୟାରେ ପୂର୍ଣ୍ଣିମା ରହିଛି, କିନ୍ତୁ ସକାଳୁ ନାହିଁ । କୁମାର ପୂର୍ଣ୍ଣିମା ପୂଜା ବ୍ରତ ଓ ଓଷା ସମେତ ଚନ୍ଦ୍ର ପୂଜା କଲେ ୬ ତାରିଖ ଠିକ୍। ୭ ତାରିଖ ମଙ୍ଗଳବାର ସନ୍ଧ୍ୟାକୁ କୁମାର ପୂର୍ଣ୍ଣିମା ନାହିଁ। ସେଦିନ ସୂର୍ଯ୍ୟୋଦୟ ତଥା ଦିନ ସମୟରେ ପୂର୍ଣ୍ଣିମା ଲାଗୁଛି । ଏଣୁ ଶ୍ରୀମନ୍ଦିର ପରମ୍ପରା ଅନୁସାରେ ସୂର୍ଯ୍ୟୋଦୟ ସମୟ ଅନୁସାରେ ନୀତି ପାଳନ ହୁଏ। ହବିଷ୍ୟବ୍ରତଧାରୀ ମଧ୍ୟ ୭ ତାରିଖରୁ ସେମାନଙ୍କ କାର୍ତ୍ତିକ ବ୍ରତ ଆରମ୍ଭ କରୁଥିବା ଶ୍ରୀ ମହାପାତ୍ର କହିଛନ୍ତି।

## ସ୍ୱାଧୀନତା ଆନ୍ଦୋଳନ ଇତିହାସର ସର୍ବକନିଷ୍ଠ ସହିଦ


# ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫/୧୦
ନ୍ୟୁଜ ବ୍ୟୁରୋ**
ଇଂରେଜ ସରକାରଙ୍କ ରାଜତ୍ୱ କାଳରେ ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାଧାରଣ ପ୍ରଜାମାନେ ବିଭିନ୍ନ ଭାବରେ ଶୋଷଣ ଓ ଅତ୍ୟାଚାରରେ ଜର୍ଜରିତ ହେଉଥିଲେ । ସେତେବେଳେ ଇଂରେଜ ସରକାର ତାଙ୍କର ଶାସନ ପ୍ରଣାଳୀକୁ ସରଳ କରିବା ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରି ମୋଗଲବନ୍ଦୀ ଏବଂ ଗଡ଼ଜାତ ଅଞ୍ଚଳ ଭାବେ ନାମିତ କରିଥିଲେ। ମୋଗଲବନ୍ଦୀ ଅଞ୍ଚଳଗୁଡ଼ିକରେ ଜମିଦାରମାନେ ଏବଂ ଗଡ଼ଜାତ ଅଞ୍ଚଳମାନଙ୍କରେ ରାଜାମାନେ ଶାସନ ନାମରେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଥିଲେ। ଏହିସବୁ ଗଡ଼ଜାତ ଆନ୍ଦୋଳନ ମଧ୍ୟରୁ ୧୯୩୮ ମସିହାରେ ସଂଗଠିତ ହୋଇଥିବା ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନ ସେତେବେଳେ ସମଗ୍ର ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିଲା । ଭାରତର ସ୍ୱାଧୀନତା ସଂଗ୍ରାମ ସ୍ରୋତରେ



ଦେଶର ସର୍ବକନିଷ୍ଠ ଦେଶଭକ୍ତ ୧୨ ବର୍ଷର ବାଳକ ବାଜି ରାଉତ ତାଙ୍କ ଜୀବନକୁ ବାଜି ଲଗାଇ ଶହୀଦ ହୋଇଯାଇଥିଲେ । ୧୯୨୬ ମସିହା ଅକ୍ଟୋବର ମାସ ୫ ତାରିଖ ଦିନ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଶହୀଦ ବାଜି ରାଉତ । ସର୍ବ କନିଷ୍ଠ ବାଜି ରାଉତ ଥିଲେ ମୁକ୍ତି ସଂଗ୍ରାମର ଅନ୍ୟତମ ସଂଗ୍ରାମୀ ଓ ଗଡ଼ଜାତର ସୂର୍ଯ୍ୟ। ପଙ୍କରୁ ପଦ୍ମ ଜନ୍ମ ନେଲା ପରି ଏକ ଅନ୍ଧାରୀ ମୂଳକରେ ଜନ୍ମ ହୋଇଥିଲେ ମଧ୍ୟ ସେ ସାରା ଜାତି ଓ ନିଜର ଜନ୍ମଭୂମି ପାଇଁ ଜୀବନ ଉତ୍ସର୍ଗ କରି ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏକ ପ୍ରେରଣାର ଉତ୍ସ ହୋଇ ରହିଗଲେ । ରବିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିଧାନସଭା ପାର୍ଶ୍ୱସ୍ଥିତ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାୟକ ବାବୁ ସିଂ ଓ ଅନନ୍ତ ନାରାୟଣ ଜେନା, ସମାଜସେବୀ ଜଗନ୍ନାଥ ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂ ପ୍ରମୁଖ ଉପସ୍ଥିତ ରହି ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଆଜି କଟକ ବନ୍ଦ : ଶାନ୍ତି ପାଇଁ ନିବେଦନ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା



**ଭୁବନେଶ୍ୱର ୫।୧୦
ନ୍ୟୁଜ ବ୍ୟୁରୋ**
କଟକରେ ଦେଖାଯାଇଥିବା ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସମସ୍ତଙ୍କୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଟକ ସହର ହେଉଛି ହଜାର ବର୍ଷର ସହର। ଭାଇଚାରାର ଅନନ୍ୟ ନିଦର୍ଶନ ହେଉଛି କଟକ ସହର । କିନ୍ତୁ, ଗତ କିଛି ଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ସହରରେ ଶାନ୍ତି ଭଙ୍ଗ ହୋଇଛି ଏବଂ ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି । ଏହିଭଳି ବିଶୃଙ୍ଖଳାକାରୀଙ୍କ ଉପରେ ସରକାରଙ୍କ ନଜର ରହିଛି ଏବଂ ସେମାନଙ୍କ ଉପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସହରର ଐତିହ୍ୟକୁ ଆହୁରି ଉପରକୁ ନେବା ପାଇଁ ସମସ୍ତେ ମିଳିମିଶି ଶାନ୍ତି ଶୃଙ୍ଖଳାର ସହିତ ଆଗକୁ ବଢ଼ନ୍ତୁ ଏବଂ ସହରର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି । ସେହିପରି କଟକ ସହରରେ ଶାନ୍ତି ବଜାୟ ରଖିବା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସହରବାସୀଙ୍କୁ ନିବେଦନ କରିଛନ୍ତି । ଶୃଙ୍ଖଳା ଭଙ୍ଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । କଟକବାସୀ ଶାନ୍ତି ଓ ସଦଭାବ ଚାହାନ୍ତି । ଏହି ଘଟଣାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

# ହାତୀ ସୁରକ୍ଷା ପାଇଁ ହେବ ଦୀର୍ଘ କାଳୀନ ଯୋଜନା : ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର, ୫/୧୦ ନ୍ୟୁଜ ବ୍ୟୁରୋ**
ହାତୀଙ୍କ ପାଇଁ ଘର କରିବେ ସରକାର । ହାତୀ ସୁରକ୍ଷା ପାଇଁ ହେବ ଦୀର୍ଘ କାଳୀନ ଯୋଜନା । ଜଙ୍ଗଲ ଭିତରେ ହାତୀ ପାଇଁ ହେବ ଚାଷ। ପଣସ, ଆମ୍ବ, ବାଉଁଶ ଆଦି ହାତୀଙ୍କ ପାଇଁ ଲାଗିବ। ଯିବ ଜନ୍ତୁଙ୍କ ଭିତରେ ବି ଗରିବ ଅଛନ୍ତି । ଓଡ଼ିଶାରେ ୨୧୦୦ ରୁ ଉର୍ଦ୍ଧ୍ୱ ହାତୀ ଅଛନ୍ତି। ସେ ଭିତରୁ କେତେ ହାତୀଙ୍କ ଘର ନାହିଁ । ହାତୀଙ୍କ ପାଇଁ ଘର କରିବେ ସରକାର। ୪୦୦ ହାତୀଙ୍କ ନାହିଁ ଘର ସେମାନଙ୍କୁ ଘର ଅଭାବ ଯୋଗୁଁ ବୁଲୁଛନ୍ତି। ସେମାନଙ୍କ ପାଇଁ ନାହିଁ ଉଚିତ ପରିବେଶ । ଏନେଇ ସୂଚନା ଦେଇଛନ୍ତି ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ଏଥିସହ ସେ କହିଛନ୍ତି ମାଇନିଙ୍ଗ,ପ୍ଲାଣ୍ଟ ସହ ବିଭିନ୍ନ କାର୍ଯ୍ୟ ପାଇଁ ହାତୀଙ୍କ ପାଇଁ ଉଚିତ ପରିବେଶ ନାହିଁ। ଏବେ ଜୀବ ଜନ୍ତୁଙ୍କ ସଂଖ୍ୟା ବଢ଼ିଛି । ମୁଖ୍ୟମନ୍ତ୍ରୀ ରାଜି ହୋଇଛନ୍ତି ହାତୀଙ୍କ ପାଇଁ ଆମ ସରକାର ଘର କରିବା ସହ ସେମାନଙ୍କ ଘର ତିଆରି କରିବ ।

## ୫ଜଣ ପ୍ରତିଭାଙ୍କୁ 'ପ୍ରାଣନାଥ ସମ୍ମାନ'

# ପ୍ରାଣନାଥ ଥିଲେ ବିପ୍ଲବର ଅନିର୍ବାଣ ଶିଖା : ରାଜ୍ୟପାଳ

**ଭୁବନେଶ୍ୱର, ୫/୧୦
ନ୍ୟୁଜ ବ୍ୟୁରୋ**
ବିପ୍ଲବୀ ପ୍ରାଣନାଥ ପଟ୍ଟନାୟକ ଥିଲେ ସେବା ଓ ସଂଗ୍ରାମର ଅନିର୍ବାଣ ଶିଖା। ତାଙ୍କର ତ୍ୟାଗପୂତ ଜୀବନାଦର୍ଶ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାହିତ୍ୟିକ ତଥା କୃଷକ ଓ ସାମ୍ୟବାଦୀ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପୁରୋଧା ପ୍ରାଣନାଥ ପଟ୍ଟନାୟକଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ପ୍ରାଣନାଥ ସ୍ମୃତି ସମିତି ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ସ୍ମୃତି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଜ୍ୟପାଳ ପ୍ରାଣନାଥଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା




ପ୍ରାଣନାଥଙ୍କ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରକୁ ମଧ୍ୟ ବିଶେଷ ଅବଦାନ ରହିଥିବାର ସେ ଉଲ୍ଲେଖ କରିଥିଲେ।
ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ତ୍ତ, ଆଇନ ଓ ଅବକାରୀ ବଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, 'ସମ୍ବାଦ' ଓ ଆମ ଓଡ଼ିଶା ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, 'କିଟ୍' ଓ 'କିସ୍'ର ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପ୍ରାଣନାଥଙ୍କୁ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ଯୋଦ୍ଧା ଓ କୃଷକ ଆନ୍ଦୋଳନର ଅନ୍ୟତମ ଆଦ୍ୟ ପ୍ରବର୍ତ୍ତକ ରୂପେ ବର୍ଣ୍ଣନା କରିଥିଲେ। ଗାନ୍ଧିଜୀଙ୍କର ଆହ୍ୱାନରେ ମୁକ୍ତି ସଂଗ୍ରାମରେ ଝାସ ଦେଇ ସେ ଦଶଥର କାରବରଣ କରିଥିବା ଏବଂ ଓଡ଼ିଶାରେ ସମାଜବାଦୀ ଆଦର୍ଶର ପରିପ୍ରଚ୍ଚର କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ଲେଖିକା ଡକ୍ଟର ଅର୍ଚ୍ଚନା ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ପ୍ରାଣନାଥ ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ-ସ୍ଥାପତ୍ୟ କଳା, ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି-ଶିକ୍ଷାବିତ୍, ଡଃ ମୃତ୍ୟୁଞ୍ଜୟ ରଥ-ଲେଖକ ଓ ଉପସ୍ଥାପକ, ଝରଣା ପଟ୍ଟନାୟକ-ସାହିତ୍ୟିକା ଓ ସମାଜସେବିକା, କେଦାର ମିଶ୍ର-କବି ଓ ସାମ୍ବାଦିକ। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡଃ ମୃତ୍ୟୁଞ୍ଜୟ ରଥ ଓ ଶୁଭେନ୍ଦୁ ମହାନ୍ତି।

# ବାଲିଯାତ୍ରା ପ୍ରସ୍ତୁତିର ସମୀକ୍ଷା କଲେ ଉନ୍ନୟନ ସଚିବ : ୧୬୭୦ ଷ୍ଟଲ ଆବଣ୍ଟନ ଲକ୍ଷ୍ୟ



**କଟକ, ୫/୧୦ ନ୍ୟୁଜ ବ୍ୟୁରୋ**
ଆସନ୍ତା ନଭେମ୍ବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଐତିହାସିକ କଟକ ବାଲିଯାତ୍ରା ଅନୁଷ୍ଠିତ ହେବ। ଏହି ବୃହତ ବାଣିଜ୍ୟିକ ମେଳାର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ଉନ୍ନୟନ କମିଶସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଚଳିତବର୍ଷ ବାଲିଯାତ୍ରାରେ ୭୦ ଲକ୍ଷ ଲୋକଙ୍କ ସମାଗମ ହେବାର ଆକଳନ କରାଯାଇଛି। ଦର୍ଶକମାନଙ୍କ ସମସ୍ତ ପ୍ରକାର ସୁବିଧା ପାଇଁ ଗୁରୁତ୍ୱ ଦେଇଛନ୍ତି ଉନ୍ନୟନ କମିଶନର। ବାଲିଯାତ୍ରାରେ କେଉଁ କେଉଁ ସ୍ଥାନରେ କ'ଣ ସୁବିଧା ରହିଛି ଏବଂ ଜରୁରୀ ସହାୟତା ଆବଶ୍ୟକତା ପାଇଁ ଏକ ମୋବାଇଲ ଆପ୍ ବିକଶିତ କରିବାକୁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ବିଭିନ୍ନ ବିଭାଗକୁ ନେଇ ସମନ୍ୱିତ କଣ୍ଟ୍ରୋଲ ରୁମ୍ ସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଇଛନ୍ତି। ଚଳିତବର୍ଷ ବାଲିଯାତ୍ରାରେ ୧୬୭୦ଟି ଷ୍ଟଲ ଆବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଓରମାସ ଆୟୋଜନରେ ୫୦୦ ଷ୍ଟଲ ସ୍ଥାପନ କରାଯାଇ ଜାତୀୟ ପଲ୍ଲୀଶ୍ରୀ ମେଳା କରାଯିବ। ଗତବର୍ଷ ବାଲିଯାତ୍ରାରେ ୨୦୦ କୋଟିର ବ୍ୟବସାୟ ହୋଇଥିବାବେଳେ ଓରମାସର କେବଳ ୫୦ କୋଟିର ବ୍ୟବସାୟ ହୋଇଥିଲା। ବାଲିଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ତରଫରୁ ବଲିଉଡ, ଓଲିଉଡ ଏବଂ ଅନ୍ୟ ଜାତୀୟ ଓ ଅନ୍ତର୍ଜାତୀୟ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବା ନେଇ ପ୍ରସ୍ତାବ ଦିଆଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୮୦ଟି ସ୍ଥାନୀୟ ଏବଂ ଜାତୀୟ ସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନଠାରୁ ବାଲିଯାତ୍ରାରେ ଅଂଶଗ୍ରହଣ ପାଇଁ ଆବେଦନ ଗ୍ରହଣ ହୋଇଛି। ଲୋକସେବା ଭବନରେ ଆୟୋଜିତ ବୈଠକରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ସିଏମସି କମିଶସନର କୀରନଦୀପ କୌର ସହୋଟା, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ୨୨୦୫ ଲିଟର ମଦ ଜବତ

**ଗୁରୁଡିଝାଟିଆ, ୫/୧୦ ନ୍ୟୁଜ ବ୍ୟୁରୋ**
ଅବକାରୀ ଓ ଜଙ୍ଗଲ ବିଭାଗର ମିଳିତ ଚଢଉ ଫଳରେ ୨୨୦୫ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ୧୮୩୦୫ ଲିଟର ପୋଚ ନଷ୍ଟ କରାଯାଇଛି। ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଓ ଖଣ୍ଡୁଆଳି ଗାଁ ନିକଟସ୍ଥ ଜଙ୍ଗଲରେ ଏହି ଚଢ଼ାଉ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗର ମିଳିତ ଦଳ, ଭୁବନେଶ୍ୱର ଅବକାରୀ ୟୁନିଟ ଓ ସ୍ଥାନୀୟ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ମିଳିତ ଭାବେ ବେଆଇନ ଚୋରା ଦେଶୀ ମଦ ଭାଟି ଉପରେ ଚଢଉ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ, ଅବକାରୀ ଉପ ଅଧିକ୍ଷକ ସିଏଚ ତିରୁପତି, ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଅରୁଣ ଭୋଇ, ବଳବୀର ସିଂହ ଓ ସୌମ୍ୟ ରଞ୍ଜନ ମାଝୀ ପ୍ରମୁଖ ଚଢ଼ାଉରେ ଅଂଶଗ୍ରହଣ କରିଥିଲେ। ଅବକାରୀ ଚଢାଉରେ ଚୋରା ମଦ ଜବତ ସହ ପୋଚ ନଷ୍ଟ କରାଯାଇଛି। ହେଲେ କୌଣସି ମାଫିଆଙ୍କୁ ଗିରଫ କରାଯାଇ ପାରି ନାହିଁ।

# ସାମାଜିକ କାର୍ଯ୍ୟ ସର୍ତ୍ତରେ ଅଭିଯୁକ୍ତଙ୍କୁ ହାଇକୋର୍ଟଙ୍କ ଜାମିନ



**କଟକ, ୫/୧୦ ନ୍ୟୁଜ ବ୍ୟୁରୋ**
ନାର୍କୋଟିକ୍ସ ଡ୍ରଗ୍ସ ଏବଂ ସାଇକୋଟ୍ରୋପିକ୍ ସବ୍‌ସ୍ଟାନ୍‌ସେସ ଆକ୍ଟ (ଏନଡିପିଏସ୍) ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତକୁ ହାଇକୋର୍ଟ ସମାଜ ଓ ପରିବେଶ ପାଇଁ ଭଲ କାର୍ଯ୍ୟ କରିବାକୁ କେତେକ ସର୍ତ୍ତ ରଖି ଜାମିନ ପ୍ରଦାନ କରିଛନ୍ତି । ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ଟି ସର୍ତ୍ତ ମଧ୍ୟରୁ ପରିବେଶ ସୁରକ୍ଷା ପାଇଁ ୧୦୦ଟି ଚାରା ଲଗାଇବା ସହିତ ୨ ବର୍ଷ ପାଇଁ ରକ୍ଷଣାବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଅଭିଯୁକ୍ତଜଣକ ରଘୁନାଥଜୀଉ ଡିଗ୍ରୀ କଲେଜରେ ଚଳିତବର୍ଷ ୩ଟି ରକ୍ତଦାନ ଶିବିର ଆୟୋଜନ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରକାଶ ଯେ ୨୦୨୫ ଅଗଷ୍ଟ ୧୯ରେ କଟକର ଅବକାରୀ ବିଭାଗ ମୋବାଇଲ ୟୁନିଟ୍ ବିଡ଼ାନାସୀ ଥାନା ଅଧୀନସ୍ଥ ଦେଉଳସାହିରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ଚନ୍ଦନ ବେହେରା ନାମକ ବ୍ୟକ୍ତି ବୁଲେଟ୍‌ରେ ବୁଲୁଥିବା ବେଳେ ତାଙ୍କୁ ଅଟକାଇଥିଲା। ଯାଞ୍ଚ ପରେ ତାଙ୍କଠାରୁ ଏକ ଜରିରେ ଥିବା ୧୧୨ ଗ୍ରାମ୍ ମାଦକ ଦ୍ରବ୍ୟ ହେରୋଇନ୍ ଜବତ କରିଥିଲା। ଅବକାରୀ ବିଭାଗ ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଏହାପରେ ଅଭିଯୁକ୍ତ ଚନ୍ଦନ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଅଦାଲତ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିବା ସହିତ ୭ଟି ସର୍ତ୍ତାରୋପ କରିଛନ୍ତି । ପ୍ରଥମ ସର୍ତ୍ତରେ ପ୍ରତ୍ୟେକ ମାସର ପ୍ରଥମ ସୋମବାର ଆବେଦନକାରୀ ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ମଧ୍ୟରେ ଥାନାରେ ହାଜର ହେବେ। ଦ୍ୱିତୀୟରେ ସେ ତଦନ୍ତରେ ସହାୟତା କରିବା ସହ ପ୍ରତି ତାରିଖରେ ଟ୍ରାଏଲ କୋର୍ଟରେ ହାଜର ହେବେ। ତୃତୀୟରେ ଭବିଷ୍ୟତରେ କୌଣସି ଅପରାଧ କାର୍ଯ୍ୟ କରିବେ ନାହିଁ। ଚତୁର୍ଥରେ ସାକ୍ଷ୍ୟ ପ୍ରମାଣକୁ ନଷ୍ଟ କରିବାକୁ ଚେଷ୍ଟା କରିବେ ନାହିଁ। ପଞ୍ଚମରେ ଆବେଦନକାରୀ ଭବିଷ୍ୟତରେ ଯେଉଁଭଳି କୌଣସି ଅପରାଧମୂଳକ କାର୍ଯ୍ୟରେ ଜଡ଼ିତ ରହିବେ ନାହିଁ ସେଥିପାଇଁ ଏକ ସତ୍ୟପାଠ ସ୍ଥାନୀୟ ପୁଲିସ ଷ୍ଟେସନରେ ଦାଖଲ କରିବେ। ଷଷ୍ଠରେ ଆବେଦନକାରୀ ନିଜ ଗ୍ରାମରେ ଥିବା ସରକାରୀ ଜମି, କମ୍ୟୁନିଟି ଜମି କିମ୍ବା ତାଙ୍କ ପରିବାରର ଥିବା ଜମିରେ ଆମ୍ବ, ନିମ୍ବ, ଇମ୍ଲି ପ୍ରଭୃତି ୧୦୦ଟି ଚାରା ରୋପଣ କରିବେ। ଯଦି ଉପଯୁକ୍ତ ଜମି ମିଳିବ ନାହିଁ, ତେବେ ରାଜସ୍ୱ କର୍ତ୍ତୃପକ୍ଷ ଚାରା ରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବାରେ ଆବେଦନକାରୀଙ୍କୁ ସହାୟତା କରିବେ। ସପ୍ତମରେ ଆବେଦନକାରୀ କଟକ ରଘୁନାଥଜୀଉ ଡିଗ୍ରୀ କଲେଜରେ ୩ଟି ରକ୍ତଦାନ ଶିବିର ଆୟୋଜନ କରିବେ ବୋଲି ଅଦାଲତ ସର୍ତ୍ତ ରଖିଛନ୍ତି। ସ୍ଥାନୀୟ ଥାନାଧିକାରୀ ଓ ବନ ଅଧିକାରୀ ଆବେଦନକାରୀ ପ୍ରକୃତରେ ଚାରା ରୋପଣ କରିଲେ ନା ନାହିଁ ଓ ଏହାର ରକ୍ଷଣାବେକ୍ଷଣ କରାଯାଉଛି ନା ନାହିଁ ତାହା ତଦାରଖ କରିବେ। ଏହାଛଡ଼ା ଅଦାଲତ ଆହୁରି ନିର୍ଦ୍ଦେଶ ଦେଇଛନ୍ତି ଯେ ଆବେଦନକାରୀ ଚାରା ରୋପଣ କରିବା ପରେ ଦୁଇବର୍ଷ ପାଇଁ ଉକ୍ତ ଚାରାର ରକ୍ଷଣାବେକ୍ଷଣ କରିବେ ବୋଲି ଏକ ଶପଥପତ୍ର ସ୍ଥାନୀୟ ପୁଲିସ ଥାନାରେ ଦାଖଲ କରିବେ। ଜିଲ୍ଲା ବନ ଅଧିକାରୀ ଉକ୍ତ ୧୦୦ ଚାରା ଯୋଗାଣ ପାଇଁ ଅଭିଯୁକ୍ତଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଦେବେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସ୍ମୃତି ରଞ୍ଜନ ଦାଶ ମାମଲା ପରିଚାଳନା କରୁଥିଲେ।

# ଜୟଦେବ ବିହାରରେ ବୋ ଷ୍ଟ୍ରିଙ୍ଗ ଗାର୍ଡର ବ୍ରିଜ୍ : ନିର୍ମାଣ ହେବ ୩ଟି ଫ୍ଲାଏଓଭର

**ଭୁବନେଶ୍ୱର,୫/୧୦
ନ୍ୟୁଜ ବ୍ୟୁରୋ**
ଜୟଦେବବିହାର ଛକରେ ନିର୍ମାଣ ହେବ ବୋ ଷ୍ଟିଙ୍ଗ ଗାର୍ଡର ବ୍ରିଜ୍। କଳିଙ୍ଗ ଷ୍ଟାଡିୟମ ପାଖରୁ ବାହାରି ଜୟଦେବ ବିହାରରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ଓଭରବ୍ରିଜ୍ ଉପରେ ଯିବ ଏହି ଅତ୍ୟାଧୁନିକ ବ୍ରିଜ୍। ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଟ୍ରାଫିକ ସମସ୍ୟା ଦୂର ପାଇଁ ନୂଆ ଯୋଜନା ପ୍ରସ୍ତୁତ ହୋଇଛି । ଚଉଡ଼ା ହେବ ଜୟଦେବ ବିହାରରୁ ରଘୁନାଥପୁର ପର୍ଯ୍ୟନ୍ତ ୧୧ କିଲୋମିଟର ରାସ୍ତା । ଖୁବଶୀଘ୍ର ଏ



ନେଇ ଟେଣ୍ଡର ଆହ୍ୱାନ ହେବ । ଦଶହରା ପୂଜା ଛୁଟି ପରେ ଏ ନେଇ ବଡ଼ ଅଗ୍ରଗତି ହୋଇପାରେ । ଜୟଦେବ ବିହାର ଛକରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଏବେ ରାଜଧାନୀର ସବୁଠାରୁ ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ରାସ୍ତା ପାଲଟିଛି । ସକାଳ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଲୋକେ ଟ୍ରାଫିକ ଯନ୍ତ୍ରଣା ଭୋଗୁଛନ୍ତି । ପୂର୍ବରୁ ଏହି ରାସ୍ତା ପାଇଁ ଅନେକ ଯୋଜନା ହୋଇଥିଲା । ନୂଆ ସରକାର ଏବେ ଏହି ରାସ୍ତା ନେଇ ନୂଆ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଇଛନ୍ତି । ପୂର୍ତ୍ତ ବିଭାଗ ଟିମ୍ ପୂରା ଦମ୍ ଲଗାଇ ଲାଗି ପଡ଼ିଛି ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ସମ୍ପ୍ରସାରଣ ଯୋଜନାରେ ।

ଯୋଜନା ଅନୁସାରେ କଳିଙ୍ଗ ଷ୍ଟାଡିୟମ ପାଖରୁ ଜୟଦେବ ବିହାର ଓଭରବ୍ରିଜ୍ ଉପର ଦେଇ ଅତ୍ୟାଧୁନିକ ବୋ ଷ୍ଟିଙ୍ଗ ଗାର୍ଡର ବ୍ରିଜ୍ ନିର୍ମାଣ ହେବ। ଲୁହାରେ ନିର୍ମିତ ଏହି ବ୍ରିଜ୍ ଦେଖିବାକୁ ଧନୁ ଆକୃତିର ବଙ୍କା ଦିଶିଥାଏ । ଏହା ଉପରେ ଯିବା ଦ୍ୱାରା ତଳେ ଜୟଦେବବିହାର ଛକରେ ଭିଡ଼ କମିବ। ବଡ଼କଥା ହେଲା, କଳିଙ୍ଗ ଷ୍ଟାଡିୟମ ପଟୁ ଜୟଦେବ ବିହାର ଛକ ଆରପଟକୁ ଯିବା ପାଇଁ ଗାଡ଼ିମୋଟର ସିଧା ଏହି ବ୍ରିଜ୍ ଚଢ଼ିବେ । ଜୟଦେବ ବିହାର ଛକ ପାଖରୁ ରଘୁନାଥପୁର ପର୍ଯ୍ୟନ୍ତ ବର୍ତ୍ତମାନ ରାସ୍ତା ୪ ଲେନ୍ ଥିବାବେଳେ ଏହାକୁ ୬ ଲେନ୍ ଚଉଡ଼ା କରାଯିବ । ଏହାସହ ୧ ଲେନ୍ ଲେଖାଏଁ ସର୍ଭିସ୍ ରାସ୍ତା ରହିବ ଉଭୟ ପାର୍ଶ୍ୱରେ। ୩ଟି ପ୍ରମୁଖ ଛକରେ ଫ୍ଲାଏଓଭର ନିର୍ମାଣ ହେବ। କଳିଙ୍ଗ ହସ୍ପିଟାଲ ଛକ, ଡମଣା ଓ କିଟ୍ ଛକ ନିକଟରେ ଫ୍ଲାଏଓଭର ନିର୍ମାଣ ଯୋଜନା କରାଯାଇଛି । ପୂର୍ବରୁ ଏହି ବ୍ୟସ୍ତବହୁଳ ରାସ୍ତା ଉପରେ ରାଜଭବନ ନିକଟରୁ ନନ୍ଦନକାନନ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ ଯୋଜନା କରାଯାଇଥିଲା । ପରେ କଳିଙ୍ଗ ଷ୍ଟାଡିୟମ ନିକଟରୁ ରାସ୍ତା ସମ୍ପ୍ରସାରଣ ସହ ମଝିରେ ମଝିରେ ଭୂତଳ ରାସ୍ତା, ଭୂତଳ ପାର୍କିଂ ଓ ଫ୍ଲାଏଓଭର ନିର୍ମାଣ ଯୋଜନା ହୋଇଥିଲା । ବହୁ ବିଚାରବିମର୍ଶ ପରେ ଏବେ ନୂଆ ରୂପରେ ରାସ୍ତା ସମ୍ପ୍ରସାରଣ କରିବାକୁ ଯୋଜନା ହୋଇଛି ବୋଲି ସୂଚନା ମିଳିଛି।

# ଦୁଇ କୁଖ୍ୟାତ ଠକଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ

**ଭୁବନେଶ୍ୱର ୦୫।୧୦ ନ୍ୟୁଜ ବ୍ୟୁରୋ**
ଦୁଇ କୁଖ୍ୟାତ ଠକଙ୍କୁ ଗିରଫ କଲା କମିଶନରେଟ୍ ପୋଲିସ । ନିଜକୁ ନ୍ୟାସନାଲ ସୋସିଆଲ୍ ଜଷ୍ଟିସ୍ ଫର ୱିମେନ୍ ଏମ୍ପାୱାରମେଣ୍ଟ କମିଶନର ଅଧ୍ୟକ୍ଷ କହି ଠକେଇ କରୁଥିଲେ । ଭୁବନେଶ୍ୱର ମୈତ୍ରୀବିହାର ଅଞ୍ଚଳରୁ ଦୁଇ ଠକଙ୍କୁ ଗିରଫ କରିଛି ପୋଲିସ। ଏନେଇ ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି । ଡିସିପିଙ୍କ ସୂଚନା ଅନୁଯାୟୀ, ଦୁଇ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ । ନିଜକୁ ନ୍ୟାସନାଲ ସୋସିଆଲ୍ ଜଷ୍ଟିସ୍ ଫର ୱିମେନ୍ ଏମ୍ପାୱାରମେଣ୍ଟ କମିଶନର ଅଧ୍ୟକ୍ଷ କହି ଠକେଇ କରୁଥିଲେ। ଗିରଫ ଦୁଇ ଠକ ହେଲେ ହରିୟାଣାର ଚୌଧୁରୀ ରିଙ୍କୁ ସୈନି ଆଉ ମନିନ୍ଦର ସିଂ । ଗତ ୩ ତାରିଖରେ ଏମାନେ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିଥିଲେ। ଏକ ତାରକା ହୋଟେଲରେ ରହିଥିଲେ। ସେଠାରେ ରହି ଠକେଇ କରିବାକୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲେ। ଏମିତିକି କମିଶନରେଟ୍ ପୋଲିସକୁ ନିଜ ସୁରକ୍ଷା ବାବଦକୁ ଏସକର୍ଟ ପାଇଁ ଗୋଟିଏ ଫେକ୍ ପ୍ରୋଗ୍ରାମ ଲେଟର ଦେଇଥିଲେ। ଫେକ୍ ଲେଟରରେ ନିଜକୁ ଅଧ୍ୟକ୍ଷ ପରିଚୟ ଦେଇଥିଲେ। ଲେଟର ଦେଖି ପୋଲିସକୁ ସନ୍ଦେହ ହୋଇଥିଲା । ଦୁଇ ଠକଙ୍କ ଗତିବିଧି ଉପରେ ନଜର ରଖିବାକୁ ଜଣେ ପୋଲିସ କର୍ମୀଙ୍କୁ ନିୟୋଜିତ କରିଥିଲା କମିଶନରେଟ୍ ପୋଲିସ। ରବିବାର ମୈତ୍ରୀବିହାର ପୋଲିସ ଦୁଇ ହାଇପ୍ରୋଫାଇଲ ଠକଙ୍କୁ ଗିରଫ କରିଛି। ହରିୟାଣା ପୋଲିସ ସହ ଯୋଗାଯୋଗ କରି ସମସ୍ତ ତଥ୍ୟ ନେବା ପରେ ଆଗକୁ ଯେଉଁମାନେ ଏମାନଙ୍କ ଠକେଇର ଶିକାର ହୋଇଛନ୍ତି ସେମାନଙ୍କୁ ପୋଲିସ ଷ୍ଟେସନରେ ଅଭିଯୋଗ କରିବାକୁ ଅପିଲ୍ କରିଛନ୍ତି ପୋଲିସ କମିଶନର।